

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୭ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 July 2026

Vol.No. 36 ■ No.187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଅଧାବାଟରେ ଅଟକିଲେ ଶ୍ରୀଜୀଉ: ଆଜି ପୁଣି ରଥ ଟାଣିବେ ଭକ୍ତ

## ରଥଯାତ୍ରାରେ ୯ଲକ୍ଷ ଭକ୍ତଙ୍କ ସମାଗମ: ମୃତ୍ୟୁସଂଖ୍ୟା ଦୁଇକୁ ବୃଦ୍ଧି



ପୁରୀ, ୧୬/୭ (ନି.ପ୍ର): ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟ ଆଜି ପାଇଁ ବନ୍ଦ ହୋଇଛି। ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇଥିବା ରଥଟଣା କାର୍ଯ୍ୟ ରାତି ପ୍ରାୟ ୭ଟା ୨୫ରେ ବନ୍ଦ କରାଯାଇଛି। ବଳଭଦ୍ରଙ୍କ ତାଳଧ୍ୱଜ ମାର୍କେଟ ଛକ ଏବଂ ସୁଭଦ୍ରାଙ୍କ ଦର୍ପଦଳନ ମରୀଚିକୋଟରେ ପହଞ୍ଚିଛି। ନନ୍ଦିଘୋଷ ରଥ ଅଳ୍ପବାଟ ଗଲା ପରେ ଅଟକିଛି। ଆସନ୍ତାକାଲି ପୂର୍ବାହ୍ ?ସୋଢ଼େ ୯ଟାରେ ପୁଣି ଥରେ ତିନି ରଥଙ୍କୁ ଭକ୍ତମାନେ ଟାଣିବାର ସୁଯୋଗ ପାଇବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଆଜି ଶୃଙ୍ଖଳିତ ଭାବେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ବର୍ଷା ଯୋଗୁଁ କିଛି ନୀତିକାନ୍ତି ବିଳମ୍ବ ହୋଇଥିଲା। ତେଣୁ ଶ୍ରୀଜୀଉଙ୍କ ଆସନ୍ତାକାଲି ଆଡ଼ପ ବିଜେ ହୋଇପାରିବ ନାହିଁ। ରଥଯାତ୍ରାର ମୁଖ୍ୟ ଆକର୍ଷଣ କୁହାଯାଉଥିବା 'ରଥ'ର ଗତି ଦେଖିବାକୁ ମିଳିଛି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ। ଯେଉଁ ମୁହୂର୍ତ୍ତକୁ ଦେଖିବା ପାଇଁ ଭକ୍ତମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ସେହି ଆଶା ପୂରା ହୋଇଛି। ଶରଧାବାଲି ଅଭିମୁଖେ ତିନି ରଥ 'ତାଳଧ୍ୱଜ' ଗଡ଼ିଛି। ଘଣ୍ଟ, ଘଣ୍ଟି ଏବଂ ହରିବୋଲରେ ବଡ଼ଦାଣ୍ଡ କମ୍ପି ଉଠିଛି। ଭକ୍ତମାନେ ଶ୍ରଦ୍ଧାର ସହିତ ରଥ ଟାଣି ନେଉଛନ୍ତି। ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ମଧ୍ୟ ଶରଧାବାଲି ଅଭିମୁଖେ ଗଡ଼ିଛି। ବଡ଼ଦାଣ୍ଡରେ ରଥ ଗଡ଼ିବା ପୂର୍ବରୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁବର୍ଣ୍ଣ ଖଡ଼ିକାରେ ଛେରାପହଁରା ନୀତି କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ତିନି ରଥରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ସୁବର୍ଣ୍ଣ ଖଡ଼ିକାରେ ରଥକୁ ପରିଷ୍କାର କରି ଏହି ପବିତ୍ର ନୀତି ସମ୍ପାଦନ କରିଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରଣାମ ଜଣାଇ ଦେଶ ଓ ବିଶ୍ୱର ଶାନ୍ତି, ସମୃଦ୍ଧି ଏବଂ ସର୍ବଜନଙ୍କ ମଙ୍ଗଳ କାମନା କରିଥିଲେ। ଦିନତମାମ ଲଗାଣ ବର୍ଷା ସତ୍ତ୍ୱେ ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁପରିଚାଳିତ ଭାବେ ସମ୍ପନ୍ନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ତେବେ ପୁରୀ ରଥଯାତ୍ରାରେ ୨ଜଣ

◆◆ପୃଷ୍ଠା ୭

# ରଥଯାତ୍ରା ଅବସରରେ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା: ମହାପ୍ରଭୁଙ୍କ ନିକଟରେ କଲେ ସୁଖ-ସମୃଦ୍ଧିର କାମନା



ନୂଆଦିଲ୍ଲୀ,୧୬/୭ : ପବିତ୍ର ରଥଯାତ୍ରା ଅବସରରେ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ ଦେଶବାସୀ, ଓଡ଼ିଶାବାସୀ ଏବଂ ବିଶ୍ୱବ୍ୟାପୀ ଜଗନ୍ନାଥ ପ୍ରେମୀ ଭକ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି ନିଜ ବାର୍ତ୍ତାରେ କହିଛନ୍ତି ଯେ, ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଅତୁଟ ସମ୍ପର୍କର ଏକ ଅଦ୍ୱିତୀୟ ପ୍ରତୀକ। ବିଶ୍ୱରେ ଏଭଳି ପରମ୍ପରା ବିରଳ, ଯେଉଁଠି ସ୍ୱୟଂ ଭଗବାନ ମନ୍ଦିରରୁ ବାହାରି ନିଜ ଭକ୍ତଙ୍କ ମଧ୍ୟକୁ ଆସନ୍ତି ଏବଂ ସମସ୍ତଙ୍କୁ ସମାନ ଦର୍ଶନର ସୁଯୋଗ ପ୍ରଦାନ କରନ୍ତି । ସେ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଦିବ୍ୟ ଯାତ୍ରା ସମାନତା, ସହଯୋଗ, ଭାଇଚାରା ଓ ମାନବିକତାର ବାର୍ତ୍ତା ଦେଇଥାଏ । ଏହା କେବଳ ଓଡ଼ିଶାର ଗୌରବ ନୁହେଁ, ବରଂ ଭାରତର ଆଧ୍ୟାତ୍ମିକ ଐତିହ୍ୟର ଏକ ଅମୂଲ୍ୟ ପରମ୍ପରା । ରାଷ୍ଟ୍ରପତି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି କହିଛନ୍ତି ଯେ, ଜଗନ୍ନାଥଙ୍କ ଅସୀମ କୃପା ସମସ୍ତଙ୍କ ଉପରେ ବର୍ଷିତ ହେଉ । ଦେଶ ଓ ବିଶ୍ୱରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ସଦ୍ ?ଭାବନାର ପରିବେଶ ସୃଷ୍ଟି ହେଉ। ପ୍ରତ୍ୟେକ ପରିବାର ସୁଖୀ ରହୁ, ପ୍ରତ୍ୟେକ ଜୀବନ ଆଶା ଓ ଆନନ୍ଦରେ ପରିପୂର୍ଣ୍ଣ ହେଉ ବୋଲି ସେ କାମନା କରିଛନ୍ତି ।

# ରଥଯାତ୍ରାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ,୧୬/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ଏହି ପର୍ବକୁ ଭାରତର କାଳଜୟୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ପ୍ରତୀକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ରଥଯାତ୍ରା ସହ ଜଡ଼ିତ ପରମ୍ପରା କେବଳ ଭାରତ ନୁହେଁ, ବରଂ ବିଶ୍ୱର ଅନେକ ପିଢ଼ିକୁ ପ୍ରେରଣା ଦେଇଆସୁଛି। ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତାରେ କହିଛନ୍ତି ଯେ, ରଥଯାତ୍ରା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଓ ନିଃସ୍ୱାର୍ଥପର ସେବାର ଭାବନାକୁ ପ୍ରତିଫଳିତ କରେ। ଏହି ମହାନ ପରମ୍ପରା ସମାଜରେ ସମରସତା ଓ ଏକତାର ବାର୍ତ୍ତା ପ୍ରସାର କରିଥାଏ ବୋଲି ସେ ଉଲ୍ଲେଖ କରିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ। ଏହାସହ ସମସ୍ତ ପ୍ରୟାସରେ ସଫଳତା ପାଇଁ ଶକ୍ତି ଦିଅନ୍ତୁ ଏବଂ ସମାଜରେ ଏକତାର ଭାବନାକୁ ଆହୁରି ସୁଦୃଢ଼ କରନ୍ତୁ ବୋଲି ସେ କାମନା କରିଛନ୍ତି।

## ୪ ବର୍ଷର ପୁଅକୁ କଟୁରୀରେ ହାଣି ମାରି ଦେଲା ବାପା

ଉଦଳା, ୧୬/୭ (ନି.ପ୍ର): ଜଣେ ବ୍ୟକ୍ତି ତାଙ୍କର ୪ ବର୍ଷର ପୁଅକୁ କଟୁରୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ପୁରୁଣାପାଣି ଗ୍ରାମରେ। ମୃତ ଶିଶୁ ପୁତ୍ରଙ୍କ ନାଁ ଦୁମ୍ବି ସିଂ। ତାଙ୍କ ବାପା ତଥା ଅଭିଯୁକ୍ତଙ୍କ ନାଁ ସୋହନ ସିଂ। ଆଜି ସକାଳେ ଘରେ କେହି ନ ଥିବା ବେଳେ ସୋହନ ସିଂ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂଙ୍କୁ କଟୁରୀରେ ହାଣି ଦେଇଥିଲେ। ଏହା ପରେ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଦୁମ୍ବିଙ୍କ ମାଆ ସୁକାନ୍ତି ସିଂ ଘରେ ପହଞ୍ଚିବା ପରେ କବାଟ ବନ୍ଦ ଥିବା ଦେଖିଥିଲେ। ତେଣୁ ସେ ତାଙ୍କ ପୁତୁରାଙ୍କୁ ଡାକି ଥିଲେ। ସେ କବାଟ ଖୋଲିବା ପରେ ଦୁମ୍ବିଂ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

◆◆ପୃଷ୍ଠା ୭

## ମଣିପୁରରେ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଉଦ୍ଧାର

ନୂଆଦିଲ୍ଲୀ,୧୬/୭ : ସୁରକ୍ଷା ବାହିନୀ ଏବଂ ମଣିପୁର ପୋଲିସ ଗତ ୨୪ ଘଣ୍ଟା ମଧ୍ୟରେ ମଣିପୁରରେ ପୃଥକ ଅପରେସନରେ ଜଣେ ସନ୍ଦିଗ୍ଧ ନିଶା ଚୋରା ଚାଲାଣକାରୀ, ଜଣେ ସକ୍ରିୟ ଆତଙ୍କବାଦୀଙ୍କ ସମେତ ଅନେକ ଲୋକଙ୍କୁ ଗିରଫ କରିଛନ୍ତି। ଅପରେସନ ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ନିଶାଦ୍ରବ୍ୟ ଏବଂ ନଗଦ ଟଙ୍କା ମଧ୍ୟ ଉଦ୍ଧାର କରାଯାଇଥିଲା। ଆଜି ଦିଆଯାଇଥିବା ସରକାରୀ ସୂଚନା ଅନୁଯାୟୀ, ଥୌବଲ ଜିଲ୍ଲାରେ ସୁରକ୍ଷା ବାହିନୀ ନିଶାଦ୍ରବ୍ୟ ବ୍ୟବସାୟୀ ସୟଦ ଅନୀଶ ଶାହା ଓରଫ ଲିରାଙ୍ଗ (୪୬) ଙ୍କୁ ତାଙ୍କ ଘରୁ ଗିରଫ କରିଛନ୍ତି। ◆◆ପୃଷ୍ଠା ୭

## ଦୁର୍ନୀତି ବିରୋଧରେ ବିଜୟ ସରକାରଙ୍କ ବଡ଼ ଆକ୍ସନ: ୬ ଅଧିକାରୀ ନିଲମ୍ବିତ



ନୂଆଦିଲ୍ଲୀ,୧୬/୭ : ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଦୁର୍ନୀତି ବିରୋଧରେ ବଡ଼ ପଦକ୍ଷେପ ନେଇଛନ୍ତି । ଲାଞ୍ଚ ନେବା କାରବାର, ନକଲି ବିଲ୍ ଏବଂ ଚାକିରି ଦେବା ନାଁରେ ଟଙ୍କା ନେବା ଭଳି ଅଭିଯୋଗରେ ଗ୍ରେଟର ଚେନ୍ନାଇ କର୍ପୋରେସନର ୬ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ, କେବଳ ନିଲମ୍ବନରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିବ ନାହିଁ । ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରାଯିବ । ଆବଶ୍ୟକ ପଡ଼ିଲେ ଆପରାଧିକ ମାମଲା ମଧ୍ୟ ରୁଜୁ କରାଯିବ । ନିଲମ୍ବିତ ଅଧିକାରୀମାନଙ୍କ ମଧ୍ୟରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆନନ୍ଦ ରାଓ ଅଛନ୍ତି । ସେ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପାଇଁ ୨.୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ରହିଛି । ସେହିପରି ଡାକ୍ତର ଦେବିକଳାଙ୍କ ବିରୋଧରେ ମେଡିକାଲ୍ ଉପକରଣ କିଣାରେ ୯ ଲକ୍ଷ ଟଙ୍କାର ନକଲି ବିଲ୍ ଦାଖଲ କରିଥିବା ଅଭିଯୋଗ ରହିଛି । ଏହାଛଡ଼ା ବରିଷ୍ଠ ଏଣ୍ଟୋମୋଲୋଜିଷ୍ଟ ଶିବା ପୋରକୋଡି ଓ ତାଙ୍କ

◆◆ପୃଷ୍ଠା ୭

## ବିଶାଖାପାଟଣାରେ କୋଭିଡ୍‌ର ପ୍ରଥମ ମାମଲା: ହାଇଦ୍ରାବାଦରୁ ଫେରିଥିବା ଯୁବକ ସଂକ୍ରମିତ



ନୂଆଦିଲ୍ଲୀ,୧୬/୭ : ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ କୋଭିଡ୍-୧୯ର ପ୍ରଥମ ମାମଲା ସାମ୍ନାକୁ ଆସିଛି । ୩୩ ବର୍ଷ ବୟସର ଜଣେ ଯୁବକଙ୍କ କୋଭିଡ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି । ସେ ବର୍ତ୍ତମାନ ଘରେ ରହି ଚିକିତ୍ସା ନେଉଛନ୍ତି ଏବଂ ଡାକ୍ତରଙ୍କ ନଜରରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ଯୁବକ ଜଣକ କିଛି ଦିନ ପୂର୍ବରୁ ହାଇଦ୍ରାବାଦରୁ ବିଶାଖାପାଟଣା ଫେରିଥିଲେ । ଘରକୁ ଫେରିବା ପରେ ତାଙ୍କୁ ଥଣ୍ଡା, କାଶ, ଜ୍ୱର ଓ ଶରୀର ବ୍ୟଥା ଆରମ୍ଭ ହୋଇଥିଲା । ଏହାପରେ ସେ ଏକ ଘରୋଇ ଲ୍ୟାବ ଓ କିଙ୍ଗ ଜର୍ଜ ହସ୍ପିଟାଲ ରେ ପରୀକ୍ଷା କରାଇଥିଲେ । ଉଭୟ ସ୍ଥାନରେ ତାଙ୍କ ରିପୋର୍ଟ କୋଭିଡ୍ ପଜିଟିଭ୍ ଆସିଥିଲା । ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏହାପୂର୍ବରୁ ଆନ୍ଧ୍ର ପ୍ରଦେଶର କଡ଼ପା ଜିଲ୍ଲାରେ କୋଭିଡ୍‌ରେ ଦୁଇ ଜଣଙ୍କ ମୃତ୍ୟୁ ଖବର ଆସିଥିବାରୁ ସ୍ୱାସ୍ଥ୍ୟ ବିଭାଗ ପୂର୍ବରୁ ସତର୍କ ଥିଲା । ବର୍ତ୍ତମାନ ବିଶାଖାପାଟଣାରେ ପ୍ରଥମ ମାମଲା ମିଳିବା ପରେ ନଜରଦାରିକୁ ଆହୁରି ବଢ଼ାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ଭୟଭୀତ ନହୋଇ ସତର୍କ ରହିବାକୁ ଅନୁରୋଧ କରିଛି । ଜ୍ୱର, କାଶ, ଗଳା ଦରଜ କିମ୍ବା ଶ୍ୱାସକଷ୍ଟ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି । ନିୟମିତ ହାତ ଧୋଇବା, ସଫାସୁତରା ରଖିବା ଏବଂ ଆବଶ୍ୟକ ପଡ଼ିଲେ ମାସ୍କ ପିନ୍ଧିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

## ହରମୁଜ ପ୍ରଣାଳୀ ଇରାନର 'ଲାଲ ରେଖା': କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ



ନୂଆଦିଲ୍ଲୀ,୧୬/୭ : ଆମେରିକା ଓ ଇରାନ ମଧ୍ୟରେ ସାମରିକ ବିବାଦ ଚରମ ସୀମାରେ ପହଞ୍ଚିଥିବା ବେଳେ ତେହେରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ 'ହରମୁଜ ପ୍ରଣାଳୀ' ଉପରେ ନିଜର ଆଭିମୁଖ୍ୟ ଆହୁରି କଠୋର କରିଛି । ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ହରମୁଜ ପ୍ରଣାଳୀରେ ଆମେରିକା ଭଳି କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ କୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ ଏବଂ ଏହା ଦେଶର 'ଲାଲ ରେଖା' ଅଟେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭିତ୍ତିଭୂମି ଧ୍ୱଂସ କରିବା ଧମକର ଜବାବ ଦେଇ ଇରାନ ଚେତାବନୀ ଦେଇଛି ଯେ, ଆକ୍ରମଣ ହେଲେ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଆମେରିକୀୟ ସୁରକ୍ଷିତ ଘାଟିଗୁଡ଼ିକୁ ବିନାଶକାରୀ ଢଙ୍ଗରେ ଟାର୍ଗେଟ୍ କରାଯିବ । ଅପରପକ୍ଷେ, ଇରାନ ସଂସଦର ବାଚସ୍ପତି ତଥା ◆◆ପୃଷ୍ଠା ୭

## କିବ୍ ଉପରେ ରୁଷ୍‌ର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼



ନୂଆଦିଲ୍ଲୀ,୧୬/୭ : ରୁଷ୍ ଗୁରୁବାର ୟୁକ୍ରେନର ରାଜଧାନୀ କିବ୍ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣ ପରେ ସହରର ବିଭିନ୍ନ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। ୟୁକ୍ରେନ କର୍ତ୍ତୃପକ୍ଷ କହିଛନ୍ତି, ରୁଷ୍ ପକ୍ଷରୁ ଆଗାମୀ ସମୟରେ ଆହୁରି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ସାରା ଦେଶରେ ସତର୍କତା ବଢ଼ାଯାଇଛି। ୟୁକ୍ରେନ ବାୟୁସେନା କହିଛି, ରୁଷ୍ ବାଲିଷ୍ଟିକ କ୍ଷେପଣାସ୍ତ୍ର ସହ ବିଭିନ୍ନ ପ୍ରକାରର ଆକ୍ରମଣ କରିଛି। ଆକାଶ ପ୍ରତିରକ୍ଷା ବ୍ୟବସ୍ଥା ଅନେକ କ୍ଷେପଣାସ୍ତ୍ର ଓ ଡ୍ରୋନ୍‌କୁ ଧ୍ୱଂସ କରିଥିଲେ ମଧ୍ୟ କେତେକ ସ୍ଥାନରେ କ୍ଷତି ହୋଇଛି। କିବ୍‌ରେ ବିସ୍ଫୋରଣ ପରେ ଜରୁରିକାଳୀନ ସେବା ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। କିବ୍ ସାମରିକ ପ୍ରଶାସନ ଲୋକଙ୍କୁ ଏୟାର୍ ରେଡ୍ ସାଇରନ୍ ବାଜିବା ମାତ୍ରେ ସୁରକ୍ଷିତ ◆◆ପୃଷ୍ଠା ୭

# ଭାଇ ଭାଇକୁ ଆକ୍ରମଣ ଏବଂ ବଟି ଆଦାୟ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ

ଗଂଜାମ, ୧୬/୦୭ (ନି.ପ୍ର): ସିମେଣ୍ଟ ପୋଲ ଉତ୍ପାଦନ ୟୁନିଟରେ ଲାଭ ଭାଗବଣ୍ଟାକୁ ନେଇ ବିବାଦ ପରେ ବୈଦ୍ୟନାଥପୁର ପୋଲିସ ତାଙ୍କ ଭାଇ ଭାଇକୁ ଆକ୍ରମଣ କରିବା ଏବଂ ୮୦ ଲକ୍ଷ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ, ମଣିରାଜ ସାହୁ ମଣି, ବିଶ୍ୱନାଥ ସାହୁ ବିଶୁଙ୍କ ପୁଅ, ଲକ୍ଷ୍ମୀ ନଗର, ଦ୍ୱିତୀୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର ନିବାସୀ, ବୈଦ୍ୟନାଥପୁର ପିଏସ୍ କେସ୍ ନଂ. ୩୬୨ ତାରିଖ ୧୪.୦୭.୨୦୨୬ ରେ ଧାରା ୧୨୬(୨)/୨୯୬/୧୧୫(୨)/୩୦୮(୬)/୩୫୧(୨) ବିଏନଏସ ଅନୁଯାୟୀ ଗିରଫ କରାଯାଇଛି। ବ୍ରହ୍ମପୁର ଆଙ୍କୁଲି, ସୁଣ୍ଡି ସାହିର ସୁବାସ ଚନ୍ଦ୍ର ସାହୁଙ୍କ ପୁଅ ସରୋଜ କୁମାର ସାହୁ (୩୨)ଙ୍କ ଦ୍ୱାରା ଦାଖଲ ଅଭିଯୋଗ ଅନୁଯାୟୀ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ସମାନ ଅଞ୍ଚଳରେ ରହୁଥିବା ଭାଇ ଭାଇ। ଅଭିଯୁକ୍ତ ତାଙ୍କ ଶାଳକ ବୀରେନ୍ଦ୍ର କୁମାର ସାହୁଙ୍କ ଜମିରେ 'ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍' ନାମରେ ଏକ ସିମେଣ୍ଟ ପୋଲ କାରଖାନା ଚଳାଉଥିଲେ, ଯିଏ ଲାଭର ଅଂଶ ପାଇବାକୁ ହକଦାର ଥିଲେ। ଅଭିଯୋଗକାରୀ, ଯିଏ କାରଖାନାରେ ଜଣେ ସୁପରଭାଇଜର ଭାବରେ ନିୟୋଜିତ ଥିଲେ, ଅଭିଯୋଗ କରିଥିଲେ ଯେ ଅଭିଯୁକ୍ତ ଜମି ମାଲିକଙ୍କୁ ପ୍ରକୃତ ଲାଭ ପ୍ରକାଶ କରୁନଥିଲେ।
ଅଭିଯୋଗକାରୀ ବୀରେନ୍ଦ୍ର କୁମାର ସାହୁଙ୍କୁ ଲାଭ ଲୁଚାଇବା ସମ୍ପର୍କରେ ଜଣାଇବା ପରେ, ଜମି ମାଲିକ ଅଭିଯୁକ୍ତଙ୍କୁ ତାଙ୍କ ଜମିରେ କାର୍ଯ୍ୟ ଜାରି ରଖିବାରୁ ନିଷେଧ କରିଥିଲେ। ଏହା ପରିବାର ମଧ୍ୟରେ ବିବାଦ ସୃଷ୍ଟି କରିଥିଲା। ଜମି ମାଲିକଙ୍କୁ ସୂଚନା ଦେବାରେ ଅଭିଯୋଗକାରୀଙ୍କ ଭୂମିକା ବିଷୟରେ ଜାଣିବା ପରେ, ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ ଏବଂ ୮୦ ଲକ୍ଷ ଆଦାୟ କରିବାକୁ ଧମକ ଦେଇଥିଲେ, ଦାବି କରିଥିଲେ ଯେ ଅଭିଯୋଗକାରୀ ତାଙ୍କ ଅନୁପସ୍ଥିତିରେ ସିମେଣ୍ଟ ପୋଲର ବିପଣନରୁ ବେଆଇନ ଭାବରେ ଏହି ପରିମାଣ ହାସଲ କରିଛନ୍ତି।
ତଦନ୍ତ ସମୟରେ, ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ରାଥମିକ ପ୍ରମାଣ ମିଳିଛି। ଅଭିଯୁକ୍ତଙ୍କ ଗୋଟିଏ ଓ୍ୱାନ ପ୍ଲସ ଆଣ୍ଡ୍ରଏଡ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ମାନ୍ୟବର କୋର୍ଟଙ୍କ ସମ୍ମୁଖରେ ପଠାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

# ମାଲକାନଗିରିରେ ଶିଶୁ ଓ ପୋଷଣ ସେବାର ସମୀକ୍ଷା କଲେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ

ମାଲକାନଗିରି , ୧୬/୦୭ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ପ୍ରମୋଦ ସାହୁ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ପୋଷଣ ସେବା ଓ ଛତୁଆ ଉତ୍ପାଦନ କେନ୍ଦ୍ରର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଜୁଲାଇ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତିନି ଦିନିଆ ଗସ୍ତ ସମୟରେ ତାଙ୍କ ସହ ୟୁନିସେଫ୍ର ନ୍ୟୁଟ୍ରିସନ କନସଲଟାଣ୍ଟ ଅକ୍ଷୟ ଲିମାଲ ମଧ୍ୟ ଉପସ୍ଥିତ ଥିଲେ। ଗସ୍ତର ଶେଷ ଦିନରେ ଅତିରିକ୍ତ ସଚିବ ଖଇରପୁଟ ପ୍ରକଳ୍ପର ମୁଦୁଲିପଡ଼ା ସେକ୍ଟର ଅନ୍ତର୍ଗତ ଡୁମୁରିପଡ଼ା ଓ ବଡ଼ପଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ପ୍ରି-ସ୍କୁଲ କାର୍ଯ୍ୟକଳାପ, ପୋଷଣ ଟ୍ରାକର ତଥ୍ୟ ଏବଂ ଶିଶୁମାନଙ୍କ ଓଜନ ଓ ଉଚ୍ଚତା ମାପ ପ୍ରକ୍ରିୟାର ଯାଞ୍ଚ କରିଥିଲେ। ଏହାସହ ସେ ଛତୁଆ ଉତ୍ପାଦନ କେନ୍ଦ୍ରର ଖାଦ୍ୟ ଗୁଣବତ୍ତା, ସ୍ୱଚ୍ଛତା ଓ ବଣ୍ଟନ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସମସ୍ତ ସିଡିପିଓ, ଲେଡି ସୁପରଭାଇଜର ଓ ବ୍ଲକ ପୋଷଣ କୋଅର୍ଡିନେଟରମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇ ଅତିରିକ୍ତ ସଚିବ ପ୍ରମୋଦ ସାହୁ କହିଛନ୍ତି କ୍ଷେତ୍ରସ୍ତରରେ ପ୍ରତ୍ୟେକ ଶିଶୁଙ୍କ ପାଖରେ ସରକାରଙ୍କ ପୋଷଣ ସେବା ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ୦ ରୁ ୬ ବର୍ଷ ବୟସର ସମସ୍ତ ଶିଶୁଙ୍କ ଉଚ୍ଚତା ଓ ଓଜନର ସଠିକ୍ ମାପ ନେବା ସହ ପୋଷଣ ଟ୍ରାକରରେ ସମୟାନୁବର୍ତ୍ତୀ ତଥ୍ୟ ଅପଲୋଡ୍ କରିବାକୁ ହେବ। ବିଶେଷ କରି ସାମ୍ , ମାମ୍ ଏବଂ କମ୍ ଓଜନ ବିଶିଷ୍ଟ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ନିୟମିତ ମନିଟରିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେପରି କୌଣସି ହିତାଧିକାରୀ ସେବାରୁ ବଞ୍ଚିତ ନହୁଅନ୍ତି। ବୈଠକରେ ୟୁନିସେଫ୍ ନ୍ୟୁଟ୍ରିସନ କନସଲଟାଣ୍ଟ ଅକ୍ଷୟ ଲିମାଲ ଶିଶୁମାନଙ୍କ ସଠିକ୍ ଆନଥ୍ରୋପୋମେଟ୍ରିକ୍ ମାପ ଏବଂ ତଥ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରି ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସଡବ୍ଲୁଓ) ଅତିରିକ୍ତ ସଚିବ ଓ ୟୁନିସେଫ୍ ପ୍ରତିନିଧିଙ୍କୁ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇବା ସହ, ମିଳିଥିବା ସମସ୍ତ ନିର୍ଦ୍ଦେଶକୁ କ୍ଷେତ୍ରସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରି ଅଙ୍ଗନବାଡ଼ି ସେବାର ଗୁଣାତ୍ମକ ଉନ୍ନତି ଆଣିବାକୁ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

## ପୌର ପରିଷଦର କର୍ମଚାରୀ ହୀରାଧର ପ୍ରଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୧୬/୦୭ (ନି.ପ୍ର): ଝାରସୁଗୁଡ଼ା ପୌର ପରିଷଦର ଚତୁର୍ଥ ଶ୍ରେଣୀ କର୍ମଚାରୀ ହୀରାଧର ପ୍ରଧାନ ବୁଧବାର ତାଙ୍କର ଦୀର୍ଘ ଦିନର ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଝାରସୁଗୁଡ଼ା ପୌର ପରିଷଦର ଉପାଧ୍ୟକ୍ଷ ବେଣୁ ଗୋପାଲ ପାଣିଗ୍ରାହୀଙ୍କ ଉପସ୍ଥିତିରେ ପ୍ରଧାନଙ୍କୁ ତାଙ୍କର ନିଷ୍ଠାପର ସେବା ପାଇଁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ହୀରାଧର ପ୍ରଧାନ ୧୯୮୯ ମସିହାରେ ଝାରସୁଗୁଡ଼ା ପୌର ପରିଷଦରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୭ ବର୍ଷ କାଳ ସେ ନିଜର ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁରୂପେ ତୁଲାଇ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ପ୍ରଧାନ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମର ସ୍ଥାୟୀ ବାସିନ୍ଦା ଅଟନ୍ତି।ଏହି ବିଦାୟ କାଳୀନ କାର୍ଯ୍ୟକ୍ରମରେ ପୌର ପରିଷଦର ବହୁ ସଂଖ୍ୟକ ଅଧିକାରୀ, ସହକର୍ମୀ ଓ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ସମାଜସେବୀ ଉପସ୍ଥିତ ଥିଲେ।

# କୋରାପୁଟରେ ମେଗା କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ: ୫୧.୩୬ କୋଟି ଟଙ୍କାର ଋଣ ମଞ୍ଜୁର, ୧୧୨୯ ଜଣ ହିତାଧିକାରୀ ଉପକୃତ

ଜୟପୁର, ୧୬/୦୭ (ନି.ପ୍ର): ଭାରତ ସରକାରଙ୍କ ଆର୍ଥିକ ସମାବେଶ ଅଭିଯାନକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ କୋରାପୁଟରେ ଏକ ମେଗା କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ, ବିଭିନ୍ନ ସରକାରୀ ବିଭାଗ ଏବଂ ହିତାଧିକାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସମୁଦାୟ ୧୧୨୯ଟି ଋଣ ଖାତା ମାଧ୍ୟମରେ ୫୧.୩୬ କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଥିବାବେଳେ ୫୦.୬୦ କୋଟି ଟଙ୍କା ଋଣ ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ?୨୦ ଲକ୍ଷ, ?୧୦ ଲକ୍ଷ ଏବଂ ?୫ ଲକ୍ଷରୁ ଅଧିକ ଶ୍ରେଣୀର ଋଣ, ଲକ୍ଷପତି ଦିଦି, ମୁଦ୍ରା, କେସିସି ବଳରାମ, ପିଏମ୍ ସୂର୍ଯ୍ୟଘର, , ଯୋଜନାରେ ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ଯୋଜନାରେ ୧୦୦୦ ଜଣଙ୍କୁ ନାମଲେଖା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଋଣ ସୁବିଧା, ସରକାରୀ ଯୋଜନା ଏବଂ ଆର୍ଥିକ ସଚେତନତା ସମ୍ପର୍କରେ ହିତାଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉନ୍ତା, କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବେଣୁଧର ଶବର, ଉପ ନିର୍ଦ୍ଦେଶକ (ଯୋଜନା) ଶ୍ରୀ ସୂର୍ଯ୍ୟକାନ୍ତ ବେହେରା, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର , ଜିଲ୍ଲା ଉନ୍ନୟନ ପ୍ରବନ୍ଧକ , ବିଭିନ୍ନ ବ୍ୟାଙ୍କର ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଦେବାଶିଷ ଗୌଡ଼, ମିଶନ ଶକ୍ତି ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଆର୍ଥିକ ସମାବେଶ, ସ୍ୱାବଲମ୍ବୀ ଜୀବିକା ସୃଷ୍ଟି ଏବଂ ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ବ୍ୟାଙ୍କିଂ ସେବା ପହଞ୍ଚାଇବାରେ ବ୍ୟାଙ୍କ ଋଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନାର ସୁଫଳ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ଅଧିକରୁ ଅଧିକ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହିତ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# କୋଲାବିରା ସିଏଚସିରେ ସ୍ୱାସ୍ଥ୍ୟସେବାକୁ ନେଇ ପୁଣି ପ୍ରଶ୍ନ: ଅଢ଼େଇ ଘଂଟା ଚିକିତ୍ସା ନମିଳିବା ଅଭିଯୋଗ

ଝାରସୁଗୁଡ଼ା, ୧୬/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥାକୁ ନେଇ ପୁଣିଥରେ ଅଭିଯୋଗ ଉଠିଛି। ଗୁରୁତର ଅସୁସ୍ଥ ଜଣେ ରୋଗୀଙ୍କୁ ଭର୍ତି କରାଯିବା ପରେ ପ୍ରାୟ ଅଢ଼େଇ ଘଂଟା ଧରି ଡାକ୍ତରୀ ସେବା ନମିଳିବା ଅଭିଯୋଗକୁ କେନ୍ଦ୍ର କରି ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ଅନୁସାରେ, ଗତ ମଙ୍ଗଳବାର ରାତି ପ୍ରାୟ ୨ଟାରେ ଜଣେ ରୋଗୀଙ୍କୁ ଗୁରୁତର ଅବସ୍ଥାରେ କୋଲାବିରା ସିଏଚସିରେ ଭର୍ତି କରାଯାଇଥିଲା। କିନ୍ତୁ ରୋଗୀଙ୍କୁ ଭର୍ତି କରାଯିବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଡାକ୍ତର ଚିକିତ୍ସା ପାଇଁ ନଆସିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ମଧ୍ୟ ମିଳିନଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଓ ଉପସ୍ଥିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ, ସୁରକ୍ଷା ଦୃଷ୍ଟିରୁ ରୋଗୀ ଓ ତାଙ୍କ ପରିବାର ନିଜ ପରିଚୟ ଗୋପନ ରଖିଛନ୍ତି। ଏହି ଘଟଣାକୁ ନେଇ ଆଂଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି ଯେ, କୋଲାବିରା ସିଏଚସିରେ ଦୀର୍ଘଦିନ ଧରି ଡାକ୍ତର ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ରହିଥିବାରୁ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲରେ ଆଧୁନିକ ଚିକିତ୍ସା ସୁବିଧାର ମଧ୍ୟ ଅଭାବ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ପରିଷଦ ପକ୍ଷରୁ ସ୍ଥାନୀୟ ବିଧାୟକ, ଝାରସୁଗୁଡ଼ା ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଏକାଧିକ ଥର ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ କହିଛନ୍ତି। ତୁରନ୍ତ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସହ ସ୍ୱାସ୍ଥ୍ୟସେବାର ମାନ ସୁଧାର ପାଇଁ ସେମାନେ ଦାବି କରିଛନ୍ତି। ଏପ୍ରସଙ୍ଗରେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଘନଶ୍ୟାମ ସୋରେନ କହିଛନ୍ତି ଯେ, ମଙ୍ଗଳବାର ରାତିରେ ଏଭଳି ଏକ ଘଟଣା ଘଟିଥିବା ସମ୍ପର୍କରେ ସେ ଅବଗତ ଅଛନ୍ତି। ତେବେ ଏପର୍ଯ୍ୟନ୍ତ ଏନେଇ କୌଣସି ଆନୁଷ୍ଠାନିକ ଲିଖିତ ଅଭିଯୋଗ ମିଳିନାହିଁ। ଲିଖିତ ଅଭିଯୋଗ ପ୍ରାପ୍ତ ହେଲେ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୋରାପୁଟ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଜୟପୁର, ୧୬/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିରିଲିଗୁମା ଗ୍ରାମ ପଞ୍ଚାୟତ ଡକରିବେଡା ଗ୍ରାମରେ କଂଗ୍ରେସ ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଏହା ସହ ପଞ୍ଚାୟତ ଯୁବ କମିଟିର ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଛି। ଗିରିଲିଗୁମା ଗ୍ରାମରେ ଅନୁଷ୍ଠିତ ଏହି ସାଙ୍ଗଠନିକ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ କୁମାର ତୁରୁକ, ବ୍ଲକ କଂଗ୍ରେସ ସଭାପତି ମହାନ କୁମାର ହିଆଲ, ଜିଲ୍ଲା ପରିଷଦ ସଦସ୍ୟା ଲଳିତା ଜାନି, ପୂର୍ବତନ ସାଂସଦ ପ୍ରତିନିଧି ପଙ୍କଜ କୁମାର ବାଘ, ବ୍ଲକ ଯୁବ ସଭାପତି ଅଶୋକ ଖସଲା,ଅଖୟ ବାଘ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ସଭାର ଆୟୋଜନ କରିଥିଲେ ନିର୍ମଳ ହିଆଲ ଏବଂ ପରିଚାଳନା କରିଥିଲେ ବ୍ଲକ ସଭାପତି ମହାନ କୁମାର ହିଆଲ। ଏହି ଅବସରରେ ପଞ୍ଚାୟତ ଯୁବ କମିଟିର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ନିର୍ମଳ ହିଆଲଙ୍କୁ ପଞ୍ଚାୟତ ଯୁବ ସଭାପତି, ପ୍ରଶାନ୍ତ ଖସଲାଙ୍କୁ ଉପସଭାପତି, ସୁରେନ୍ଦ୍ର ଖରାଙ୍କୁ କ୍ୟାସିୟର, ଫୁଲମତୀ ମାଣ୍ଡିଗାଁ ଏବଂ ଜୈଲୁମୋ ଗାରଡ଼ାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ନୂତନ କର୍ମକର୍ତ୍ତାମାନଙ୍କୁ ଉପସ୍ଥିତ ଅତିଥିମାନେ ଅଭିନନ୍ଦନ ଜଣାଇଥିଲେ। ଏହି ସାଙ୍ଗଠନିକ ବୈଠକ ମାଧ୍ୟମରେ କଂଗ୍ରେସ ଦଳ ଗ୍ରାମ ସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଅଞ୍ଚଳର ବିକାଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଛି। ନୂତନ ଯୁବ କମିଟି ଗଠନ ପରେ ସ୍ଥାନୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଗିରିଲିଗୁମା ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ନେତୃବୃନ୍ଦ ପ୍ରତିଶ୍ରୁତି ଦେଇଥିବା ବେଳେ, ଏବେ ସେହି ପ୍ରତିଶ୍ରୁତି ଦେଇଥିଲେ ।

# ବାଲିମେଳାରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ: ୧୨ହଜାର ଟଙ୍କା ଜୋରିମାନା ଆଦାୟ

ମାଲକାନଗିରି , ୧୬/୦୭ (ନି.ପ୍ର): ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବାଲିମେଳା ବିଜ୍ଞାପିତ ଅଂଚଳ ର ୧୦ଟି ଦୋକାନ ରେ ଚଢ଼ାଉ କରାଯାଇ ୧୨ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ! ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସେଠିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ବାଲିମେଳା ସହରରେ ଥିବା ବିଭିନ୍ନ ଦୋକାନ, ହୋଟେଲ ମାନଙ୍କରେ ଚଢ଼ାଉ କରାଯାଇ ସେମାନଙ୍କର ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ଯାଂଚ କରିବା ସହିତ ବିକ୍ରୀ ହେଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଗୁଡ଼ିକର ମାନ ପରଖି ଥିଲେ। ଯେଉଁ ଦୋକାନୀ ମାନେ ଖାଦ୍ୟ ସୁରକ୍ଷା ପ୍ରମାଣ ପତ୍ର ରଖିନାହାନ୍ତି ସେମାନଙ୍କୁ ଶୀଘ୍ର ଖାଦ୍ୟ ସୁରକ୍ଷା ପ୍ରମାଣ ପତ୍ର କରିବା ନିମନ୍ତେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ସେଠି ଦୋକାନୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଲଇକେରାରେ ବିଜେପିର ସଂଗଠନକୁ ବଳ: ବିଜେଡି ଛାଡ଼ି ଶତାଧିକ ମହିଳା ଓ ଯୁବକଙ୍କ ଯୋଗଦାନ

ଝାରସୁଗୁଡ଼ା, ୧୬/୦୭ (ନି.ପ୍ର): ଝାରସୁଗୁଡ଼ା ରାଜନୀତିରେ ପୁଣି ଥରେ ଦଳବଦଳର ଚର୍ଚ୍ଚା ଜୋର ଧରିଛି। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଇକେରା ବ୍ଲକର ଲଇକେରା ଓ ନିକ୍ତିମାଲ ପଞ୍ଚାୟତର ଶତାଧିକ ମହିଳା ଓ ଯୁବକ ବିଜେଡି ଛାଡ଼ି ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି।
ଝାରସୁଗୁଡ଼ା ବିଜେପି ବିଟିଏମ୍ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ନୂତନ କର୍ମୀମାନେ ଦଳରେ ଯୋଗଦେଇଥିଲେ। ଦୀନେଶ ବେହେରା, ମୁନା ମେହେର, ଆକାଶ, ସୁମନ୍ତ ସରାଫ, ସୁଜିତ ଖଡ଼ିଆ ଓ ମଦନ ଖଡ଼ିଆଙ୍କ ନେତୃତ୍ୱରେ ଏହି ଯୋଗଦାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ଝାରସୁଗୁଡ଼ା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ, ଲଇକେରା ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ ଓ ରୋହିତ ପଟେଲଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଦଳରେ ଯୋଗଦେବା ପରେ ନୂତନ ସଦସ୍ୟମାନେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣମୂଳକ ଯୋଜନା, ଉନ୍ନୟନମୁଖୀ ଦୃଷ୍ଟିଭଙ୍ଗୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱ ଓ ଅଞ୍ଚଳ ପ୍ରତି ସମର୍ପିତ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ସେମାନେ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଶତାଧିକ ଯୁବକ ଓ ମହିଳାଙ୍କ ଯୋଗଦାନ ଫଳରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପିର ସଂଗଠନ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ ହେବ ଏବଂ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇବ।

# ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇଣ୍ଡସ୍ କଫ୍ ମେସିନର ଶୁଭ ଉଦ୍ଘାଟନ

ଜୟପୁର, ୧୬/୦୭ (ନି.ପ୍ର): କୋରାପୁଟ ଜିଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଆଜି ବିଧାୟକ ତାରା ପ୍ରସାଦ ବାହିନିପତି ଇଣ୍ଡସ କଫ ଉଦଘାଟନ କରିଛନ୍ତି । କୋରାପୁଟ ଜିଲ୍ଲାବାସୀଙ୍କର ବହୁ ଦିନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆବଶ୍ୟକତା ଆଜି ପୂରଣ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ଓ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତିରେ ଉଦଘାଟନ ହୋଇଛି କ୍ଷ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଧୁନିକ ଇଣ୍ଡସ୍ କଫ୍ ମେସିନ୍ର ଶୁଭ ଉଦ୍ଘାଟନ କରାଯାଇଛି। ଏହି ମେସିନ୍ ସ୍ଥାପନ ଫଳରେ କୋରାପୁଟ ଜିଲ୍ଲା ଓ ଆଖପାଖ ଅଂଚଳର ରୋଗୀମାନେ ବର୍ତ୍ତମାନ ନିଜ ଜିଲ୍ଲାରେ ହିଁ ଆବଶ୍ୟକ ପରୀକ୍ଷା ସୁବିଧା ପାଇପାରିବେ। ପୂର୍ବରୁ ଏହି ପରୀକ୍ଷା ପାଇଁ ରୋଗୀମାନଙ୍କୁ ବିଶାଖାପାଟଣା, ଜଗଦଲପୁର ଓ ଭୁବନେଶ୍ୱର ଭଳି ଦୂରସ୍ଥ ସହରକୁ ଯିବାକୁ ପଡୁଥିଲା, ଯାହା ସମୟ ଓ ଅର୍ଥ ଉଭୟ ଦୃଷ୍ଟିରୁ ଏକ ବଡ଼ ଅସୁବିଧା ଥିଲା। ନୂତନ ମେସିନ୍ ସ୍ଥାପନ ଦ୍ୱାରା ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ବିଧାୟକ ବାହିନୀପତି ଗଣ ମଧ୍ୟମ କୁ ସୂଚନା ଦେଇଛନ୍ତି । ଉଦ୍ଘାଟନୀ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ , ସିଡିଏମ୍ ଓ ପିଏଚ୍ଓ ବରିଷ୍ଠ ଚିକିତ୍ସକ ଗୁରୁ ପ୍ରସାଦ ମହନ୍ତ , ନର୍ସିଂ କର୍ମଚାରୀ ଏବଂ ଚିକିତ୍ସାଳୟର ଡାକ୍ତର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ସାଧାରଣ ଜନସାଧାରଣଙ୍କୁ ଉନ୍ନତ ଓ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ବିଧାୟକ ବାହିନୀପତି ଆଶା ବ୍ୟକ୍ତ କରିଛନ୍ତି ।

# ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ୭୬ ତମ ସାଧାରଣ ବୈଠକ ଅନୁଷ୍ଠିତ

ମାଲକାନଗିରି , ୧୬/୦୭ (ନି.ପ୍ର): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପରିଷଦର ୭୬ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜିଲ୍ଲାର ପ୍ରଗତି ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହି ବୈଠକରେ ମୁଖ୍ୟତଃ କୃଷି ଓ ଚାଷୀଙ୍କ ସମସ୍ୟା ଉପରେ ବ୍ୟାପକ ଆଲୋଚନା କରାଯାଇ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀମାନେ କିପରି ଅଧିକ ପରିମାଣରେ ଧାନ ବୁଣିବେ ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହ ଚିତ୍ରକୋଣ୍ଡା ଅଞ୍ଚଳରେ ଜୈବିକ ଚାଷର ବହୁଳ ସମ୍ଭାବନା ଥିବାରୁ ସେଠାକାର ଚାଷୀଙ୍କୁ ଏଥିପାଇଁ ଅଧିକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବା ସହ ଜିଲ୍ଲାରେ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସାର କ୍ରୟ ଓ ଏହାର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକର ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ କହିଛନ୍ତି, ଆମ ଜିଲ୍ଲାର ବିକାଶ ପ୍ରକ୍ରିୟା ଚାଷୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ଉପରେ ପର୍ଯ୍ୟବେସିତ। ଚିତ୍ରକୋଣ୍ଡାରେ ଜୈବିକ ଚାଷର ପ୍ରସାର ଏବଂ ପ୍ରତିଟି ଗାଁକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଆମର ମୁଖ୍ୟ ସଂକଳ୍ପ। ତୃଣମୂଳ ସ୍ତରରେ ଜନ ପ୍ରତିନିଧି ଓ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କଲେ ହିଁ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ।
ଅନ୍ୟପଟେ ବର୍ଷା ଋତୁର ଆଗମନ ହେତୁ ଜିଲ୍ଲାରେ ବିଭିନ୍ନ ସଂକ୍ରମିତ ରୋଗର ଆଶଙ୍କା ଥିବାରୁ ସମସ୍ତଙ୍କୁ ସଜାଗ ରହିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଓ ଚିକିତ୍ସା ଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ସହ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଉପରେ ଜନପ୍ରତିନିଧିମାନେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ। ଏଥିସହିତ ଶିକ୍ଷା ଭିତ୍ତିଭୂମିର ବିକାଶ ଓ ଶିକ୍ଷକ ପୋଷ୍ଟିଙ୍ଗ୍ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା।
ବୈଠକରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଥିଲା। ପାନୀୟ ଜଳ ସମ୍ପର୍କିତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ସହ ନୂତନ ପ୍ରକଳ୍ପ ଏବଂ ବର୍ତ୍ତମାନ ଚାଲୁ ରହିଥିବା ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ ଗୃହରେ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ଜନଜାତି ଉନ୍ନୟନ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ ଏବଂ ସମାଜ ମଙ୍ଗଳ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଥିଲା। ବିଶେଷ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି କରିବା ଏବଂ ବିଧାୟକ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ନୂତନ ପ୍ରସ୍ତାବ ଉପସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ଲକ ଓ ପଞ୍ଚାୟତଗୁଡ଼ିକରେ ଚାଲୁଥିବା କାର୍ଯ୍ୟର ସବିଶେଷ ତଥ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଉପସ୍ଥାପନ କରିଥିଲେ।
ସମସ୍ତ ପ୍ରସ୍ତାବ ଓ ସମସ୍ୟା ଶୁଣିବା ପରେ ଜିଲ୍ଲାପାଳ ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଜନପ୍ରତିନିଧିମାନଙ୍କ ଦ୍ୱାରା ପ୍ରତ୍ୟେକ ସମସ୍ୟା ଓ ପ୍ରସ୍ତାବ ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ। ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି କି, ସେମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସାରି ରାସ୍ତା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ଚାଲୁ ରହିଥିବା ସମସ୍ତ ପ୍ରକଳ୍ପକୁ ଶେଷ କରନ୍ତୁ। କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପ୍ରଶାସନ ସଦା ସର୍ବଦା ପ୍ରତିବଦ୍ଧ। ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ଜନକଲ୍ୟାଣମୂଳକ ଯୋଜନାକୁ ତ୍ୱରାନ୍ୱିତ କରି ଜିଲ୍ଲାର ପ୍ରଗତିକୁ ଆଗକୁ ନେବା ପାଇଁ ବୈଠକରେ ସମସ୍ତେ ମତପ୍ରକାଶ କରିଥିଲେ।

## ୧୦,୦୦୦ ପାଦ ଚାଲିବା ସତରେ ସୁରକ୍ଷିତ କି ? ଡାକ୍ତରଙ୍କ ଚେତାବନୀ



ଆଜିର ସମୟରେ ସମସ୍ତେ ଫିଟ୍ ରହିବାକୁ ବେଶ୍ ପସନ୍ଦ କରନ୍ତି । ହେଲେ ଅତ୍ୟଧିକ ଚାପଗ୍ରସ୍ତ ଯୋଗୁଁ ମଣିଷ ଏତେ ସମୟ ପାଉନାହିଁ ଚାଲିବାପାଇଁ । ଯାହା ଫଳରେ ଦେହ ଖରାପ ହେବାଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ସମସ୍ୟାମାନ ଦେଖାଯାଉଛି। ୧୦,୦୦୦ ପାହାଚ ଚାଲିବା ଦ୍ୱାରା ଆପଣଙ୍କ ଆଣ୍ଠୁ ଦୁର୍ବଳ ହୋଇପାରେ କି ? ଜଣେ ଅର୍ଥୋପେଡିକ୍ ଡାକ୍ତର ସତର୍କ କରାଇଛନ୍ତି, ସମ୍ଭାବ୍ୟ ଜଟିଳତା ବିଷୟରେ ସତର୍କ କରାଇଛନ୍ତି । ଚାଲିବାର ବିପଦ ଏବଂ ଲାଭ : ଆଜିକାଲି ୧୦,୦୦୦ ପାଦ ଚାଲିବାର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ଅର୍ଥୋପେଡିକ୍ ବିଶେଷଜ୍ଞମାନ ଏକ ଆଶ୍ଚର୍ଯ୍ୟଜନକ ଚେତାବନୀ ଦେଇଛନ୍ତି । ଏହି ଲେଖାରେ ସେମାନେ ଏ ବିଷୟରେ କ'ଣ କୁହନ୍ତି ତାହା ଆମେ ଜାଣିବା । ଆଜିର ସମୟରେ, ଫିଟନେସ୍ ଫ୍ରିକ୍ ଏବଂ ଫିଟନେସ୍ ସଚେତନ ଲୋକମାନେ ପ୍ରାୟତଃ ଚାଲିବାକୁ ଗୁରୁତ୍ୱ ଦିଅନ୍ତି । ଯଦି ଆପଣ କାହାକୁ ପଚାରନ୍ତି ଯେ ସେ ଦିନକୁ କେତେ ପାଦ ଚାଲେ, ତେବେ ସମସ୍ତଙ୍କ ଉତ୍ତର ହେଉଛି ୧୦ ହଜାର ପାଦ ।

ଏପରି ପରିସ୍ଥିତିରେ, ସମସ୍ତେ ନିଜ ସ୍ମାର୍ଟୱାଚରେ ୧୦,୦୦୦ ପାଦ ସଂଖ୍ୟା ବାଛନ୍ତି ଏବଂ ଦିନସାରା ସେହି ଅନୁସାରେ ଚାଲେ । ଡାକ୍ତରଙ୍କ ଅନୁସାରେ ଏହି 'ଯାଦୁକରୀ ସଂଖ୍ୟା' ସମସ୍ତଙ୍କ ପାଇଁ ନିରାପଦ ନୁହେଁ । ବିଜନେସ୍ ଷ୍ଟାଣ୍ଡାର୍ଡରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଅର୍ଥୋପେଡିକ୍ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଆପଣଙ୍କର ଶାରୀରିକ କ୍ଷମତାକୁ ନ ବୁଝି ଏତେ ଚାଲିବା ଆପଣଙ୍କ ସନ୍ଧି ପାଇଁ ସମସ୍ୟା ହୋଇପାରେ । ବିଶେଷକରି ଯେଉଁମାନେ ପୂର୍ବରୁ କୌଣସି ଶାରୀରିକ ସମସ୍ୟାରେ ପୀଡ଼ିତ ଅଛନ୍ତି ସେମାନଙ୍କ ପାଇଁ।

୧୦,୦୦୦ ପାଦ ଚାଲିବା କେତେ ଗୁରୁତ୍ୱପୂର୍ଣ୍ଣ ?

ପିଡି ହିନ୍ଦୁଜା ହସ୍ପିଟାଲ ଏବଂ ଏମଆରସି ସେଣ୍ଟରର ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଦୀପ ମୁନୋଟ୍ କୁହନ୍ତି, 'ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ ସେମାନେ ଯେତେ ଅଧିକ ଚାଲିବେ, ସେତେ ଫିଟ୍ ହେବେ ହେଲେ ଚିକିତ୍ସା ବିଜ୍ଞାନ ଅନୁସାରେ, ୧୦,୦୦୦ ପାହାଚ ସୀମା ପାଇଁ କୌଣସି ଦୃଢ଼ ବୈଜ୍ଞାନିକ ଆଧାର ନାହିଁ।'

ଡାକ୍ତରମାନେ କୁହନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୦,୦୦୦ ପାଦ ଚାଲିବା ଉଚିତ ବୋଲି ଧାରଣା ଏକ ମାର୍କେଟିଂ ରଣନୀତି ଭାବରେ ଆରମ୍ଭ ହୋଇଥିଲା । ଅଧିକ ଓଜନ କିମ୍ବା ବୟସ୍କ ଲୋକଙ୍କ ପାଇଁ ହଠାତ୍ ଏତେ ପାଦ ଉଠାଇବା ଅତିରିକ୍ତ ଚାପ ପକାଇପାରେ, ଯାହା ଆଣ୍ଠୁ କାର୍ଟିଲେଜ (ହାଡ଼ ମଧ୍ୟରେ ଥିବା କୁଶନ) ଉପରେ କ୍ଷତ ସୃଷ୍ଟି କରିପାରେ ।

ଏହା ଗଣ୍ଠିଗୁଡ଼ିକୁ କିପରି ପ୍ରଭାବିତ କରେ ?

ଡାକ୍ତର ପ୍ରଦୀମ କୁହନ୍ତି, 'ଯେତେବେଳେ ଆମେ ଚାଲୁ, ଆମ ଶରୀରର ସମ୍ପୂର୍ଣ୍ଣ ଓଜନ ଆମ ଆଣ୍ଠୁ ଉପରେ ଥାଏ । ଭୁଲ ଜୋତା ପିନ୍ଧି କିମ୍ବା କଠିନ ଭୂମିରେ ୧୦,୦୦୦ ପାଦ ଚାଲିବା ଦ୍ୱାରା ଅତ୍ୟଧିକ ଆଘାତ ହୋଇପାରେ । ସେଥିପାଇଁ .ଠିକ୍ ଜୋତା ପିନ୍ଧିବା ମଧ୍ୟ ଏକାନ୍ତ ଜରୁରୀ ଅଟେ । ଯଦି ଆପଣ ଚାଲିବା ସମୟରେ ଆପଣଙ୍କ ଆଣ୍ଠୁରେ ଫୁଲା, ଯନ୍ତ୍ରଣା କିମ୍ବା ଫାଟିବା ଶବ୍ଦ ଅନୁଭବ କରନ୍ତି, ତେବେ ବୁଝିନିଅନ୍ତୁ ଯେ ଆପଣଙ୍କ ସନ୍ଧି ଚାପରେ ଅଛି ଏବଂ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ବିନା ଡାକ୍ତରଙ୍କ ପରାମର୍ଶରେ ଏଭଳି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ । ୧୦,୦୦୦ ପାଦ ଚାଲିବାକୁ ବାଧ କରିବା ଦ୍ୱାରା ଅଷ୍ଟିଓଆର୍ଥ୍ରାଇଟିସ୍ ଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇପାରେ ।'

ତେବେ ଚାଲନ୍ତୁ ଜାଣିବା ଚାଲିବାର ସଠିକ୍ ଉପାୟ କ'ଣ ?

ଫିଟ୍ ରହିବା ପାଇଁ କେବଳ ପାଦ ଗଣିବା ଯଥେଷ୍ଟ ନୁହେଁ । ଡାକ୍ତରମାନେ ପରାମର୍ଶ ଦିଅନ୍ତି ଯେ ସ୍ୱାସ୍ଥ୍ୟ ପାଇଁ ୭,୦୦୦ ରୁ ୮,୦୦୦ ପାଦ ଚାଲିବା ଯଥେଷ୍ଟ । ଚାଲିବା ସହିତ, ମାଂସପେଶୀକୁ ସୁଦୃଢ଼ କରିବା ଏବଂ ସନ୍ଧି ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଶକ୍ତି ତାଲିମ ମଧ୍ୟ ଜରୁରୀ । ବିନା ତାଲିମରେ ଏହା ଆମମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସର୍ବଦା ଭଲ ଭାବରେ ଚାଲିବା ଜୋତା ବାଛନ୍ତୁ ଏବଂ କଂକ୍ରିଟ୍ ବଦଳରେ ଘାସ କିମ୍ବା ନରମ ପୃଷ୍ଠରେ ଚାଲନ୍ତୁ । କାରଣ ଘାସରେ ଚାଲିଲେ ପ୍ରାକୃତିକ ଉପାୟରେ ଆମେ ଅଧିକ ସୁସ୍ଥତା ଅନୁଭବ କରିପାରିବା । ଯାହାଫଳରେ ଆମ ଦେହ ଅଧିକ ଫିଟ୍ ହୋଇ ରହିପାରିବ । ଘାସଗାଲିଚାରେ ଚାଲିଲେ ମାନସିକ ଶାନ୍ତି ମଧ୍ୟ ଲାଗିଥାଏ । ଯାହା ଆମ ମନକୁ ମଧ୍ୟ ସୁସ୍ଥତାର ଆଉ ଏକ ଦିଗ ଆଡ଼କୁ ନେଇଯାଇପାରେ ।

## ସ୍ୱାସ୍ଥ୍ୟକର ଭାବି ପିଉଛନ୍ତି କି ବିଟ୍ ରୁଟ୍ ଜୁସ୍ ? ଜାଣନ୍ତୁ ଏହାର କ୍ଷତିକାରକ ପ୍ରଭାବ

ବିଟ୍ ରୁଟ୍ ଜୁସ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ, କିନ୍ତୁ ଏହା ସମସ୍ତଙ୍କ ପାଇଁ ଉପଯୁକ୍ତ ନ ହୋଇପାରେ । କିଛି ସ୍ୱାସ୍ଥ୍ୟ ସମସ୍ୟା ଥିବା ଲୋକଙ୍କ ପାଇଁ ଏହାକୁ ସେବନ କ୍ଷତିକାରକ ହୋଇପାରେ । ଆସନ୍ତୁ ଜାଣିବା କିଏ ଏହି ଜୁସ ପିଇବାରୁ ଦୂରେଇ ରହିବା ଉଚିତ । ବିଟ୍ ରୁଟ୍ ଜୁସର ଲୁକ୍କାୟିତ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି : ଆଜିକାଲି ଲୋକମାନେ ନିଜ ଫିଟନେସ୍ ପ୍ରତି ବିଶେଷ ଯତ୍ନ ନେଉଛନ୍ତି, ଏବଂ ଏହି କାରଣରୁ ଜିମ୍ ଯାଉଥିବା ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନ ବ୍ୟକ୍ତିମାନେ ଅଧିକ ପନିପରିବା ଜୁସ୍ ପିଉଛନ୍ତି । ଏହି ପରିପ୍ରେକ୍ଷୀରେ, ସକାଳୁ ସକାଳୁ ବିଟ୍ ରୁଟ୍ ଜୁସକୁ ଏକ ସୁସ୍ଥ ପାନୀୟ ଭାବରେ ପିଇବା ଆଜିକାଲି ଏକ ଟ୍ରେଣ୍ଡ ପାଲଟିଛି । ସୋସିଆଲ ମିଡିଆରୁ ଫିଟନେସ୍



ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହାର ଉପକାରିତା ବିଷୟରେ କହୁଛନ୍ତି କିନ୍ତୁ ପ୍ରତ୍ୟେକ ଉପକାରିତା ସହିତ, ଏହାର କିଛି ଅସୁବିଧା ମଧ୍ୟ ଅଛି । ସେହିପରି ବିଟ୍ ରୁଟ୍ ଜୁସ , ଯାହାକୁ ଲୋକମାନେ ସୁସ୍ଥ ଭାବି ପିଅନ୍ତି, କିଛି ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ବିଟ୍ ରୁଟ୍ ଜୁସ ନିଶ୍ଚିତ ଭାବରେ ପୁଷ୍ଟିକର ପଦାର୍ଥରେ ଭରପୂର, କିନ୍ତୁ ଏହା ସମସ୍ତଙ୍କ ଶରୀର ଉପରେ ସମାନ ପ୍ରଭାବ ପକାଇ ନଥାଏ । ଏହାକୁ ଅତ୍ୟଧିକ ପିଇବା କେତେକ ସମୟରେ କ୍ଷତିକାରକ ହୋଇପାରେ । ତେଣୁ, ଏହି ଜୁସ ପିଇବା ପୂର୍ବରୁ, ଏହା ଆପଣଙ୍କ ପାଇଁ ଉପଯୁକ୍ତ କି ନାହିଁ ତାହା ନିଶ୍ଚିତ ଭାବରେ ଜାଣନ୍ତୁ । ପାଚନ ସମସ୍ୟାରେ ପୀଡ଼ିତ ଲୋକମାନେ ଯେଉଁମାନଙ୍କର ପ୍ରାୟତଃ ପାଚନ ସମସ୍ୟା ଥାଏ, ସେମାନେ ଏହି ଜୁସ୍ ପିଇବାରୁ ଦୂରେଇ ରହିବା ଉଚିତ । ବିଟ୍ ରୁଟ୍ ଜୁସ ପିଇବା ପରେ କିଛି ଲୋକ ପେଟ ଫୁଲିବା, ପେଟ ଜନିତ ସମସ୍ୟା , ଗ୍ୟାସ୍ କିମ୍ବା ଡାଇରିଆ ଅନୁଭବ କରିପାରନ୍ତି । ବିଶେଷଜ୍ଞଙ୍କ ମତରେ, ବିଟ୍ ରେ ଥିବା ପ୍ରାକୃତିକ ନାଇଟ୍ରେଟ୍ ଏବଂ ଫାଇବର କିଛି ଲୋକଙ୍କ ପାଚନ ପ୍ରଣାଳୀ ଉପରେ କଠୋର ପ୍ରଭାବ ପକାଇପାରେ, ବିଶେଷକରି ଖାଲି ପେଟରେ ସେବନ କଲେ ଏହାର ଅଧିକ ପ୍ରଭାବ ପକାଇଥାଏ । ପରିସ୍ରା ଲାଲ ହେବା ଯଦି ବିଟ୍ ଜୁସ ପିଇବା ପରେ ଆପଣଙ୍କର ପରିସ୍ରା କିମ୍ବା ମଳ ଲାଲ ଦେଖାଯାଏ, ତେବେ ଭୟଭୀତ ହୁଅନ୍ତୁ ନାହିଁ । ହାର୍ଭାର୍ଡ ମେଡିକାଲ୍ ସ୍କୁଲ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବ୍ୟାଖ୍ୟା କରନ୍ତି ଯେ ଏହା ବିଟ୍‌ରେ ଥିବା ପ୍ରାକୃତିକ ରଙ୍ଗଦ୍ରବ୍ୟ ଯୋଗୁଁ ହୁଏ ଏବଂ ସାଧାରଣତଃ କ୍ଷତିକାରକ ନୁହେଁ । ବୃକକ୍ ପଥର ଥିବା ଲୋକଙ୍କ ପାଇଁ ବିପଦ ହୋଇଥାଏ । ବିଟ୍‌ରୁଟ୍‌ରେ ଅକ୍ସାଲେଟ୍‌ର ପରିମାଣ ଅଧିକ ଥାଏ, ତେଣୁ ବୃକକ୍ ପଥର ଥିବା ଲୋକମାନେ ଏହାକୁ ଏଡ଼ାଇବା ଉଚିତ । ଆମେରିକାର ନ୍ୟାସନାଲ୍ ବୃକକ୍ ଫାଉଣ୍ଡେସନ୍ ଅନୁଯାୟୀ, ଶରୀରରେ କ୍ୟାଲସିୟମ୍ ସହିତ ଅକ୍ସାଲେଟ୍‌ର ଉଚ୍ଚ ପରିମାଣ ମିଶିପାରେ, ଯାହା ବୃକକ୍ ପଥର ଗଠନର ଆଶଙ୍କା ବଢ଼ାଇଥାଏ । ଯେଉଁମାନଙ୍କର ପୂର୍ବରୁ ବୃକକ ଜନିତ ସମସ୍ୟା ରହିଥାଏ ସେମାନଙ୍କୁ ସୀମିତ ସେବନ କରିବା ଉଚିତ୍ । ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ ।

### *କେଉଁମାନେ ଦୂରେଇ ରହିବା ଉଚିତ୍ ?*

ବୃକକ୍ ପଥର କିମ୍ବା ବୃକକ୍ ରୋଗ ଥିବା ଲୋକମାନେ , ନିମ୍ନ ରକ୍ତଚାପ ରୋଗୀ , ମଧୁମେହ ରୋଗୀ , ଦୁର୍ବଳ ପାଚନ ପ୍ରଣାଳୀ ଥିବା ଲୋକମାନେ ଏବଂ ଗର୍ଭବତୀ ମହିଳାମାନେ ଦୂରେଇ ରହିବା ଉଚିତ୍ ।

### *ବିଟ୍ ରୁଟ୍ ଜୁସ୍ ପିଇବା ପାଇଁ ସଠିକ୍ ଉପାୟ କଣ ?*

ବିଟ୍‌ରୁଟ୍ ଜୁସ ସମ୍ପୂର୍ଣ୍ଣ ଖରାପ ନୁହେଁ, କିନ୍ତୁ ଯେତେ ଅଧିକ ସେତେ ଭଲ ବୋଲି ଭାବି ଏହାକୁ ପିଇବା ଏକ ଭୁଲ ହୋଇପାରେ । ଯେକୌଣସି ଜିନିଷର ସେବନ ସୀମିତ କରିବା ଏବଂ ଏହା ପ୍ରତି ଆପଣଙ୍କ ଶରୀରର ପ୍ରତିକ୍ରିୟା ପ୍ରତି ସଚେତନ ରହିବା ଭଲ । ଯଦି ଆପଣ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ତୁରନ୍ତ ରସ ପିଇବା ବନ୍ଦ କରନ୍ତୁ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ । ବିନା ଡାକ୍ତରଙ୍କ ପରାମର୍ଶ ବିନା ଏହାକୁ ସେବନ କରନ୍ତୁ ନାହିଁ ।

## ସକାଳୁ ଶୀଘ୍ର ଉଠିବାରେ ଅସୁବିଧା ହେଉଛି କି ? ଆପଣାନ୍ତୁ ଏହିସବୁ ଟିପ୍ସ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନେକ ଲୋକଙ୍କ ପାଇଁ ସକାଳୁ ଶୀଘ୍ର ଉଠିବା ଏକ ବଡ଼ ସମସ୍ୟା ପାଲଟିଛି । ରାତିରେ ବିଳମ୍ବରେ ଶୋଇବା ଏବଂ ସକାଳୁ ଡେରିରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଯାହା ଦ୍ୱାରା ପୂରା ଶରୀରରେ ବିଭିନ୍ନ ସମସ୍ୟା ଦେଖାଦିଏ । କିନ୍ତୁ କିଛି ସହଜ ଉପାୟ ଆପଣେଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ । ତେବେ ଜାଣନ୍ତୁ ଶୀଘ୍ର ଉଠିବାର କିଛି ସହଜ ଉପାୟ।

ଶୋଇବା ଏବଂ ଉଠିବାର ସମୟ ନିର୍ଦ୍ଧାରିତ କରନ୍ତୁ : ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଏବଂ ଉଠିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ଭାବରେ କାମ କରେ । ଏହାଦ୍ୱାରା ଆପଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିଦ ଆସିବ ଏବଂ ସକାଳୁ ବିନା ଆଲାର୍ମରେ ମଧ୍ୟ ନିଦ ଭାଙ୍ଗିଯିବ ।

ଆଲାର୍ମକୁ ଦୂରରେ ରଖନ୍ତୁ: ଯଦି ଆପଣଙ୍କୁ ଆଲାର୍ମ ବନ୍ଦ କରି ପୁଣି ଶୋଇପଡ଼ିବାର ଅଭ୍ୟାସ ଅଛି, ତେବେ ଆଲାର୍ମ ଘଣ୍ଟା କିମ୍ବା ମୋବାଇଲକୁ ବିଛଣାଠାରୁ ଦୂରରେ ରଖନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆଲାର୍ମ ବନ୍ଦ କରିବାକୁ ଉଠିବାକୁ ପଡ଼ିବ, ଯାହା ଆପଣଙ୍କ ନିଦ ଭାଙ୍ଗିବାରେ ସାହାଯ୍ୟ କରିବ ।

ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ: ରାତିରେ ଅଧିକ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନକ୍ରିୟାରେ ସମସ୍ୟା ହୋଇପାରେ, ଯାହା ଭଲ ନିଦରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ହାଲୁକା ଖାଦ୍ୟ ଖାଇବା ଉଚିତ୍ ।

## ଘରେ ତିଆରି କରନ୍ତୁ - କଞ୍ଚା ଅମୃତଭଣ୍ଡାରେ ତିଆରି ସ୍ୱାଦିଷ୍ଟ 'ପ୍ଲାଷ୍ଟିକ୍ ଚଟଣି'

ବଙ୍ଗଳାର ପ୍ରସିଦ୍ଧ 'ପ୍ଲାଷ୍ଟିକ୍ ଚଟଣି' କ'ଣ ପ୍ରକୃତରେ ପ୍ଲାଷ୍ଟିକ୍‌ରୁ ତିଆରି ? ମାଷ୍ଟରସେଫ୍ ପଙ୍କଜ ଭାଦୌରିଆ କଞ୍ଚା ଅମୃତଭଣ୍ଡାରୁ ତିଆରି ଏହି ସ୍ୱଚ୍ଛ ଏବଂ ସ୍ୱାଦିଷ୍ଟ ଚଟଣି ପାଇଁ ଏକ ଏକ ସରଳ ରେସିପି ସେୟାର କରିଛନ୍ତି । ଆସନ୍ତୁ ଶିଖିବା ଏହାକୁ କିପରି ତିଆରି କରିବେ । ଆପଣ କ'ଣ ଚଟଣି ପ୍ରେମୀ ? ଯଦି ହଁ, ତେବେ ଆପଣ ଧନିଆ ଠାରୁ ପୋଦିନା ଏବଂ କଞ୍ଚା ଆମ୍ବ ପର୍ଯ୍ୟନ୍ତ ପ୍ରଚୁର ପରିମାଣର ଚଟଣି ଖାଇଥିବେ । କିନ୍ତୁ ଆପଣ କେବେ 'ପ୍ଲାଷ୍ଟିକ୍ ଚଟଣି' ଚେଷ୍ଟା କରିଛନ୍ତି କି ? ନାମଟି ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ, କିନ୍ତୁ ଅପେକ୍ଷା କରନ୍ତୁ, ଏହା ପ୍ଲାଷ୍ଟିକରୁ ତିଆରି ନୁହେଁ । ଏହା ଏପରି କିଛି ଯାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ, କିନ୍ତୁ ଏହାର ସ୍ୱାଦ ଆପଣଙ୍କୁ ମନମୁଗ୍ଧ କରିବ । ଏହାକୁ ପ୍ଲାଷ୍ଟିକ୍ ଚଟଣି କୁହାଯାଇପାରେ, କିନ୍ତୁ ଏହା ଏହାର ପ୍ଲାଷ୍ଟିକ୍ ସ୍ୱାଦ ବିନା ନୁହେଁ । ଏହା ବଙ୍ଗଳାର ଏକ ଲୋକପ୍ରିୟ ଏବଂ ପାରମ୍ପରିକ ଖାଦ୍ୟ, କଞ୍ଚା ଅମୃତଭଣ୍ଡାରେ ତିଆରି । ଏହାକୁ 'ପ୍ଲାଷ୍ଟିକ୍' କୁହାଯାଏ କାରଣ, ରାନ୍ଧିବା ପରେ, ଅମୃତଭଣ୍ଡା ଖଣ୍ଡ ଗୁଡ଼ିକ ଏତେ ଚକଚକ୍ ଏବଂ ସ୍ୱଚ୍ଛ ହୋଇଯାଏ ଯେ ସେମାନେ ପ୍ଲାଷ୍ଟିକ୍ ପରି ଦେଖାଯାଏ । ମାଷ୍ଟରସେଫ୍ ପଙ୍କଜ ଭାଦୌରିଆ ଏହି ଅନନ୍ୟ ଏବଂ ସହଜ ରେସିପି ସେୟାର କରିଛନ୍ତି । ଆସନ୍ତୁ ଜାଣିବା ଘରେ ଏହି ପ୍ଲାଷ୍ଟିକ୍ ଚଟଣି କିପରି ତିଆରି କରିବେ ।



କଞ୍ଚା ଅମୃତଭଣ୍ଡା– ୭୫୦ ଗ୍ରାମ , ଚିନି - ୧.୫ କପ୍ , ପାଣି – ୧ କପ , ଲେମ୍ବୁ ରସ – ୨ ଚାମଚ କାଜୁ – ୨ ଚାମଚ ,
ଲୁଣ - ସ୍ୱାଦ ଅନୁସାରେ , ସୋରିଷ ତେଲ – ୧ ଚାମଚ, ଜିରା , ପାନମହୁରୀ , ସୋରିଷ , ମେଥି ଦାନା (ସମସ୍ତ ସମାନ ପରିମାଣରେ) ନେବେ ।

### *କିପରି ତିଆରି କରିବେ ?*

ପ୍ଲାଷ୍ଟିକ୍ ଚଟଣି ତିଆରି କରିବା ପାଇଁ, ପ୍ରଥମେ ଅମୃତଭଣ୍ଡାକୁ ଛଡ଼ାଇ ବିହନ କରନ୍ତୁ । ଏହାକୁ ପତଳା ଖଣ୍ଡରେ କାଟି ଫୁଟୁଥିବା ପାଣିରେ ୧ ମିନିଟ୍ ପାଇଁ ବଏଲ୍ କରନ୍ତୁ । ଏହା ଚଟଣିକୁ ଅଧିକ ସ୍ୱଚ୍ଛ କରିଥାଏ । ଏକ ପ୍ୟାନରେ ତେଲ ପକାଇ କାଜୁକୁ ହାଲକା ଭାବରେ ଭାଜନ୍ତୁ । ସେହି ତେଲରେ ପଞ୍ଚଫୁଟଣ ପକାଇ ଏହାକୁ ହାଲକା ଭାବରେ ଗୋଳାନ୍ତୁ । ତାପରେ, ପାଣି ଏବଂ ଚିନି ପକାଇ ଫୁଟାନ୍ତୁ । ତିନିରୁ ଚାରି ବୁନ୍ଦା ଲେମ୍ବୁ ରସ ପକାନ୍ତୁ । ଅମୃତଭଣ୍ଡା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ପର୍ଯ୍ୟନ୍ତ ୮-୧୦ ମିନିଟ୍ ପାଇଁ ରାନ୍ଧନ୍ତୁ । ଅମୃତଭଣ୍ଡା ସମ୍ପୂର୍ଣ୍ଣ ଧଳା ରଙ୍ଗ ଦେଖାଯିବା ପରେ , ଚଟଣିରେ ଲୁଣ, ଲେମ୍ବୁ ରସ ଏବଂ କାଜୁ ପକାଇ ମିଶାନ୍ତୁ । ଲେମ୍ବୁ ଚିନିର ମିଶ୍ରଣକୁ ପକାଇ ଏହାକୁ ଗୋଳାନ୍ତୁ । ତା ପରେ ପ୍ରସ୍ତୁତ ହୋଇଯିବ ସୁନ୍ଦର ପ୍ଲାଷ୍ଟିକ୍ ଚଟଣୀ । ଯାହା ଖାଇଲେ ସବୁବେଳେ ଆଉଥରେ ଖାଇବାକୁ ଇଚ୍ଛା କରିବେ।

ମନେ ରଖନ୍ତୁ ଯେ ଯେତେବେଳେ ଆପଣ ଅମୃତଭଣ୍ଡା ଚଟଣି ପ୍ରସ୍ତୁତ କରିବାକୁ ଇଚ୍ଛା କରୁଛନ୍ତି ତେବେ ଅମୃତଭଣ୍ଡାଟି କଠିନ ଏବଂ କଞ୍ଚା ହୋଇଥିବା ଆବଶ୍ୟକ । ପାଚିଲା ଅମୃତଭଣ୍ଡା ସ୍ୱାଦକୁ ଖରାପ କରିପାରେ । ଗର୍ଭବତୀ ମହିଳା ମାନେ ଅମୃତଭଣ୍ଡା ଖାଇବାକୁ ଦୂରେଇ ରୁହନ୍ତୁ । ଲେମ୍ବୁ ରସ ମିଶାଇବା ଦ୍ୱାରା ଚଟଣିର ସ୍ୱାଦ ସନ୍ତୁଳିତ ହୁଏ ଏବଂ ଚିନି ଜମା ହେବାରୁ ରୋକିଥାଏ । ତେଣୁ, ସର୍ବଦା ଲେମ୍ବୁ ରସ ମିଶାନ୍ତୁ । ବଙ୍ଗଳାରେ, 'ପ୍ଲାଷ୍ଟିକ୍ ଚଟଣି' ସାଧାରଣତଃ ପାମ୍ପଡ଼ ସହିତ ପରିବେଷଣ କରାଯାଏ, କିନ୍ତୁ ଆପଣ ଏହାକୁ ପୁରୀ, ପରଟା କିମ୍ବା ଟୋଷ୍ଟ ସହିତ ମଧ୍ୟ ଖାଇପାରିବେ । ଏହା ସ୍ୱାଦକୁ ଆହୁରି ବଢ଼ାଇଦେବ ।

## ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ୍ୟ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା। ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ୍ୟ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ୍ୟ ଉଚିତ ନୁହେଁ। ଏହା ଶରୀର ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

## କଫି ପିଇଲେ କିଡନୀ ପଥର ବଢ଼େ ନା କମେ ? ଜାଣନ୍ତୁ ସତ୍ୟ



ଆଜିକାଲି ସକାଳର ଆରମ୍ଭ ହେଉ କି ଅଫିସର କାମର ଚାପ, ଅଧିକାଂଶ ଲୋକଙ୍କ ପସନ୍ଦର ପାନୀୟ ହେଉଛି କଫି । କେହି ଏହାକୁ ଏନର୍ଜି ପାଇଁ ପିଅନ୍ତି, ତ ଆଉ କେହି ଅଭ୍ୟାସବଶତଃ ଦିନକୁ ଦୁଇରୁ ତିନି କପ୍ ପର୍ଯ୍ୟନ୍ତ କଫି ପିଇଥାନ୍ତି କିନ୍ତୁ ଅନେକଙ୍କ ମନରେ ଏକ ପ୍ରଶ୍ନ ରହିଥାଏ—କଫି ପିଇଲେ କିଡନୀରେ ପଥର ହେବାର ଆଶଙ୍କା ବଢ଼େ କି ? ନା ଏହା ପଥର ହେବାର ସମ୍ଭାବନାକୁ କମାଇଥାଏ ? ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ । ସେମାନଙ୍କ ମତ ଅନୁଯାୟୀ, ସୀମିତ ପରିମାଣରେ କଫି ପିଇବା କିଡନୀ ପଥରର ଝୁମ୍ପକୁ କମାଇପାରେ । ତେବେ ଏହା କୌଣସି ଔଷଧ ନୁହେଁ ଏବଂ କେବଳ କଫି ପିଇଲେ ପଥର ଭଲ ହୋଇଯିବ ବୋଲି ଭାବିବା ଠିକ୍ ନୁହେଁ । ବିଶେଷଜ୍ଞଙ୍କ କହିବା ଅନୁସାରେ, କଫିରେ ଥିବା କ୍ୟାଫିନ୍ ଶରୀରରେ ପରିସ୍ରାର ପରିମାଣ ବଢ଼ାଇଥାଏ । ଏହା ଫଳରେ କିଡନୀ ଭିତରେ କ୍ୟାଲସିୟମ୍ ଓ ଅକ୍ସାଲେଟ୍ ପରି ପଥର ସୃଷ୍ଟିକାରୀ ଖଣିଜ ପଦାର୍ଥ ଜମା ହେବାର ସମ୍ଭାବନା କମିଯାଏ । ଏଥିସହ କଫିରେ ଥିବା କିଛି ଆଣ୍ଟିଅକ୍ସିଡେଣ୍ଟ ଓ ସାଇଟ୍ରେଟ୍ ଭଳି ଉପାଦାନ କ୍ରିଷ୍ଟାଲ୍ ଗଠନକୁ ରୋକିବାରେ ସହାୟକ ହୋଇପାରେ । ଏକ ଗବେଷଣାରେ ମଧ୍ୟ ଏଭଳି ସଙ୍କେତ ମିଳିଛି ଯେ, ପ୍ରତିଦିନ ପ୍ରାୟ ଗୋଟିଏରୁ ଡେଢ଼ କପ୍ କଫି ପିଇବା ଦ୍ୱାରା କିଡନୀ ପଥର ହେବାର ଆଶଙ୍କା ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ କମିପାରେ । ଏହି ଅଧ୍ୟୟନରେ ଲକ୍ଷାଧିକ ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । ତେବେ ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି—ଯଦି ଆପଣଙ୍କ କିଡନୀରେ ପଥର ହୋଇସାରିଛି, ତାହେଲେ କେବଳ କଫି ଉପରେ ଭରସା କରିବା ଉଚିତ୍ ନୁହେଁ । ଡାକ୍ତରଙ୍କ କହିବା ଅନୁସାରେ, ଛୋଟ ଆକାରର ପଥର ଥିଲେ କଫି କିଛି ସହାୟକ ହୋଇପାରେ, କିନ୍ତୁ ବଡ଼ ପଥର କିମ୍ବା ତୀବ୍ର ଯନ୍ତ୍ରଣା ହେଲେ ନିଶ୍ଚିତ ଭାବେ ନେଫ୍ରୋଲୋଜିଷ୍ଟଙ୍କ ପରାମର୍ଶ ଆବଶ୍ୟକ । କିଡନୀରେ ପଥର କାହିଁକି ହୁଏ ? ଯେତେବେଳେ ପରିସ୍ରାରେ ଥିବା କିଛି ଖଣିଜ ପଦାର୍ଥ ଏକାଠି ହୋଇ କଠିନ କଣିକାରେ ପରିଣତ ହୁଏ, ସେତେବେଳେ କିଡନୀରେ ପଥର ସୃଷ୍ଟି ହୁଏ । ଏହା ଛୋଟ ହୋଇପାରେ କିମ୍ବା ବଡ଼ ଆକାର ମଧ୍ୟ ନେଇପାରେ । ପଥର ଯଦି ମୂତ୍ରନଳୀକୁ ଅଟକାଇ ଦିଏ, ତେବେ ପିଠିରୁ ପେଟ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣା ହୋଇପାରେ । ପ୍ରତିଦିନ ଅତି କମରେ ଦୁଇରୁ ତିନି ଲିଟର ପାଣି ପିଅନ୍ତୁ । ଖାଦ୍ୟରେ ଲୁଣର ପରିମାଣ କମ୍ ରଖନ୍ତୁ । ନଡ଼ିଆ ପାଣି ଓ ଲେମ୍ବୁ ପାଣି ଭଳି ପାନୀୟକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଅନାବଶ୍ୟକ ଭାବେ ଅଧିକ ପ୍ରୋଟିନ୍ ଖାଇବାରୁ ଦୂରେଇ ରୁହନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ ।

# ବୁଲଡୋଜର ନ୍ୟାୟ ଏବଂ ଆଇନର ଶାସନ: ଏବେ ହାଇକୋର୍ଟଙ୍କ ଉପରେ ଗୁରୁଦାୟିତ୍ୱ

ସାମ୍ପ୍ରତିକ ସମୟରେ ଭାରତୀୟ ରାଜନୀତି ଏବଂ ପ୍ରଶାସନିକ ବ୍ୟବସ୍ଥାରେ 'ବୁଲଡୋଜର ନ୍ୟାୟ' ବା ବୁଲଡୋଜର ଜଷ୍ଟିସ ଏକ ଅତ୍ୟନ୍ତ ବିବାଦୀୟ ତଥା ଚର୍ଚ୍ଚିତ ବିଷୟ ପାଲଟିଛି । ଜୁଲାଇ ୧୬, ୨୦୨୬ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଏବଂ ବିଚାରପତି ଏସ.ଭି. ମୋହନାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସମସ୍ତ ଅଦାଲତ ଅବମାନନା ଆବେଦନକୁ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ ବା ହାଇକୋର୍ଟଙ୍କ ନିକଟକୁ ସ୍ଥାନାନ୍ତର କରିବା ପାଇଁ ଏକ ମାନକ ଆଦେଶ ବା ଷ୍ଟାଣ୍ଡାର୍ଡ ଅର୍ଡର ପାରିତ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଯୁକ୍ତି ହେଉଛି ଯେ ସମଗ୍ର ଦେଶରୁ ଆସୁଥିବା ଏହିସବୁ ଆବେଦନଗୁଡ଼ିକରେ ଅନେକ ତଥ୍ୟଗତ ବିବାଦ ରହିଛି, ଯାହାର ପୃଥକ ଏବଂ ଗଭୀର ଅନୁସନ୍ଧାନ ଆବଶ୍ୟକ । ତେଣୁ ଗୋଟିଏ ସ୍ଥାନରେ ବସି ସମଗ୍ର ଦେଶର ପ୍ରତ୍ୟେକ ଘଟଣାର ତଥ୍ୟଭିତ୍ତିକ ତଦନ୍ତ କରିବା ସୁପ୍ରିମକୋର୍ଟଙ୍କ ପାଇଁ ବ୍ୟବହାରିକ ଦୃଷ୍ଟିକୋଣରୁ ସମ୍ଭବପର ନୁହେଁ । ଏହି ନିଷ୍ପତ୍ତି ଆପାତତଃ ଏକ ପ୍ରକ୍ରିୟାଗତ ସ୍ଥାନାନ୍ତର ଭଳି ମନେ ହେଉଥିଲେ ମଧ୍ୟ ଏହାର ଗଭୀର ଆଇନଗତ ଏବଂ ସାମାଜିକ ପ୍ରଭାବ ରହିଛି, ଯାହାକୁ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ ।

ଏହି ଘଟଣାକ୍ରମକୁ ବୁଝିବାକୁ ହେଲେ ଆମକୁ ଦୁଇ ବର୍ଷ ପଛକୁ ଅର୍ଥାତ୍ ନଭେମ୍ବର ୨୦୨୪ ମସିହାକୁ ଫେରିବାକୁ ପଡ଼ିବ । ସେହି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ । କୌଣସି ବ୍ୟକ୍ତି କେବଳ ଅପରାଧିକ ମାମଲାରେ ଅଭିଯୁକ୍ତ ହୋଇଥିବା କାରଣରୁ ବିନା ଆଇନଗତ ପ୍ରକ୍ରିୟାରେ ତାଙ୍କ ଘର କିମ୍ବା ବ୍ୟକ୍ତିଗତ ସମ୍ପତ୍ତିକୁ ଭାଙ୍ଗିଦେବା କାର୍ଯ୍ୟକୁ ଅଦାଲତ ଅସାମ୍ବିଧାନିକ ତଥା 'କ୍ଷମତାର ସ୍ୱେଚ୍ଛାଚାରୀ ପ୍ରୟୋଗ' ବୋଲି ଆଖ୍ୟାୟିତ କରିଥିଲେ । ସେହି ରାୟରେ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ ପ୍ରାକୃତିକ ନ୍ୟାୟର ମୌଳିକ ନୀତି ଏବଂ ଆଇନର ଉଚିତ ପ୍ରକ୍ରିୟାକୁ ଅଣଦେଖା କରି କୌଣସି ପ୍ରଶାସନିକ ଅଧିକାରୀ ବୁଲଡୋଜର ଲଗାଇ ଘର ଭାଙ୍ଗିବା ଏକ ଆଇନବିହୀନ ସ୍ଥିତି ବା ଜଙ୍ଗଲରାଜର ପରିଚୟ ଦିଏ ଯେଉଁଠି କେବଳ ବାହୁବଳ ହିଁ ଶେଷ କଥା । ସର୍ବୋଚ୍ଚ ନ୍ୟାୟାଳୟ ସମଗ୍ର ଦେଶ ପାଇଁ ଏକ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଜାରି କରିଥିଲେ । ଏହି ମାର୍ଗଦର୍ଶିକା ଅନୁଯାୟୀ କୌଣସି ବି ଢାଞ୍ଚାକୁ ଭାଙ୍ଗିବା ପୂର୍ବରୁ ଅତିକମରେ ୧୫ ଦିନ ପୂର୍ବରୁ କାରଣ ଦର୍ଶାଅ ନୋଟିସ ଦେବା ବାଧ୍ୟତାମୂଳକ କରାଯାଇଥିଲା । ସରକାର କେବେହେଲେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ଏବଂ କାର୍ଯ୍ୟପାଳିକା ନିଜେ ବିଚାରପତି ସାଜି କାହାକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିପାରିବେ ନାହିଁ । ଯଦି କୌଣସି ଅଧିକାରୀ ଏହି ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରନ୍ତି, ତେବେ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହେବା ସହ ଭଙ୍ଗାଯାଇଥିବା ସମ୍ପତ୍ତିର ପୁନଃନିର୍ମାଣ ପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି କୋର୍ଟ ଚେତାବନୀ ଦେଇଥିଲେ। ଏହି ରାୟ ଦେଶର ଗଣତାନ୍ତ୍ରିକ ଢାଞ୍ଚା ଏବଂ ନାଗରିକଙ୍କ ମୌଳିକ ଅଧିକାରକୁ ସୁଦୃଢ଼ କରିବା ଦିଗରେ ଏକ ମାଇଲଖୁଣ୍ଟ ଥିଲା ।

ତଥାପି, ପରିସଂଖ୍ୟାନ ଏବଂ ବାସ୍ତବ ସ୍ଥିତି ଏକ ଭିନ୍ନ କାହାଣୀ ବୟାନ କରୁଛି । ୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ରାଜ୍ୟରେ ବୁଲଡୋଜର ନ୍ୟାୟର ପ୍ରୟୋଗ ଅବ୍ୟାହତ ରହିଛି । ହାଉସିଂ ଆଣ୍ଡ ଲ୍ୟାଣ୍ଡ ରାଇଟ୍ସ ନେଟୱାର୍କ (ଏଚଏଲଆରଏନ) ପରି ସଂସ୍ଥାର ତଥ୍ୟ ଅନୁଯାୟୀ, ୨୦୧୭ରୁ ୨୦୨୩ ମସିହା ମଧ୍ୟରେ ଭାରତରେ ପ୍ରାୟ ୧୬.୮ ଲକ୍ଷ ଲୋକ ଉଚ୍ଛେଦର ଶିକାର ହୋଇଛନ୍ତି । କେବଳ ୨୦୨୩ ମସିହାରେ ସମଗ୍ର ଦେଶରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ ବାସହୀନ କରାଯାଇଛି ଏବଂ ଏକ ଲକ୍ଷରୁ ଅଧିକ ଘର ଭାଙ୍ଗି ଦିଆଯାଇଛି । ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲର ରିପୋର୍ଟ ମଧ୍ୟ ଦର୍ଶାଉଛି ଯେ ଅନେକ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ପଦକ୍ଷେପ ନିଆଯାଇଛି ଏବଂ ଏଥିରେ ଆଇନର ଉଚିତ ଅନୁପାଳନ ହୋଇନାହିଁ । ଏହି ତଥ୍ୟରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଅବୈଧ ନିର୍ମାଣ ବା ଜବରଦଖଲ ଉଚ୍ଛେଦ ନାମରେ ପ୍ରଶାସନ କିପରି ବ୍ୟାପକ ସ୍ତରରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନେ ଏହି କାର୍ଯ୍ୟାନୁଷ୍ଠାନର ସର୍ବାଧିକ ଶିକାର ହେଉଥିବା ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି । ବୁଲଡୋଜର ଏବେ କେବଳ ଏକ ନିର୍ମାଣକାରୀ ଯନ୍ତ୍ର ହୋଇ ରହିନାହିଁ, ବରଂ ଏହା ରାଜନୈତିକ ବାହୁବଳ ଏବଂ ପ୍ରତିଶୋଧର ଏକ ଶକ୍ତିଶାଳୀ ପ୍ରତୀକ ପାଲଟିଯାଇଛି । ନିର୍ବାଚନ ସଭାଗୁଡ଼ିକରେ ରାଜନେତାମାନେ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ନିଜ ସରକାରର ଏକ ବଡ଼ ସଫଳତା ଭାବେ ଉପସ୍ଥାପନ କରୁଛନ୍ତି, ଯାହାକି ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସମ୍ବିଧାନର ଧାରା ୨୧ ଅଧୀନରେ ଥିବା ସମ୍ମାନର ସହ ବଞ୍ଚିବାର ଅଧିକାର ପାଇଁ ଏକ ବିପଦଜନକ ସଙ୍କେତ ଅଟେ । କୌଣସି ବ୍ୟକ୍ତିର ଘର ଭାଙ୍ଗିବା ଅର୍ଥ କେବଳ ଇଟା ସିମେଣ୍ଟର କାନ୍ଥ ଭାଙ୍ଗିବା ନୁହେଁ, ବରଂ ଏହା ଏକ ପରିବାରର ସ୍ୱପ୍ନ, ନିରାପତ୍ତା ଏବଂ ଭବିଷ୍ୟତକୁ ଧୂଳିସାତ୍ କରିଦେବା ସହ ସମାନ ।

ଏହି ପ୍ରେକ୍ଷାପଟରେ, ଜୁଲାଇ ୧୬, ୨୦୨୬ରେ ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବରିଷ୍ଠ ଆଇନଜୀବୀ ହୁଜେଫା ଅହମ୍ମଦୀ, ସି.ୟୁ. ସିଂ ଏବଂ ସଞ୍ଜୟ ହେଗଡେଙ୍କ ଭଳି ଆଇନଜୀବୀମାନେ ଅବମାନନା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ ଯେ ୨୦୨୪ର ରାୟକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। ଆଇନଜୀବୀମାନେ ଦର୍ଶାଇଥିଲେ ଯେ ସ୍ଥାନୀୟ ନେତାମାନେ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ସର୍ବସାଧାରଣରେ ଗର୍ବ କରୁଛନ୍ତି ଏବଂ ଏହାକୁ ଏକ ଉତ୍ସବ ଭଳି ପାଳନ କରୁଛନ୍ତି। ଗୋଟିଏ ଘଟଣାରେ ତ ଜଣେ ଫଳରସ ବିକ୍ରେତାଙ୍କ ଦୋକାନ ଭଙ୍ଗାଯିବା ସମୟରେ ଜଣେ ଟେଲିଭିଜନ ଉପସ୍ଥାପକ ବୁଲଡୋଜର ଉପରେ ବସି ସିଧାପ୍ରସାରଣ କରୁଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଥିଲା ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା । ଏହିସବୁ ଘଟଣା ପ୍ରମାଣିତ କରୁଛି ଯେ ଏହି ଉଚ୍ଛେଦ ପ୍ରକ୍ରିୟାଗୁଡ଼ିକ କୌଣସି ସାଧାରଣ ପୌରପାଳିକା କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଏହା ରାଷ୍ଟ୍ର ଦ୍ୱାରା ପ୍ରାୟୋଜିତ ଏକ ଲକ୍ଷ୍ୟଭିତ୍ତିକ ଦଣ୍ଡବିଧାନ। ଏହା ଆଇନର ଶାସନକୁ ସମ୍ପୂର୍ଣ୍ଣ ରୂପେ ପରିହାସ କରୁଛି ବୋଲି ଆବେଦନକାରୀମାନେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଏତେ ସବୁ ଗମ୍ଭୀର ଅଭିଯୋଗ ସତ୍ତ୍ୱେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାଗୁଡ଼ିକୁ ନିଜ ପାଖରେ ନରଖି ହାଇକୋର୍ଟଙ୍କ ନିକଟକୁ ପଠାଇବା ପଛରେ ଏକ ବଳିଷ୍ଠ ବ୍ୟବହାରିକ କାରଣ ରହିଛି । ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଅନୁଭବ କଲେ ଯେ ଦେଶର କୋଣ ଅନୁକୋଣରୁ ଆସୁଥିବା ପ୍ରତ୍ୟେକଟି ମାମଲାରେ ସ୍ଥାନୀୟ ସ୍ତରର ତଥ୍ୟ ଜଡ଼ିତ ରହିଛି । କେଉଁଠି ସମ୍ପତ୍ତିର ମାଲିକାନାକୁ ନେଇ ବିବାଦ ରହିଛି ତ କେଉଁଠି ନୋଟିସ ଦିଆଯାଇଥିଲା କି ନାହିଁ ସେନେଇ ପ୍ରଶ୍ନ ଉଠୁଛି । ସୁପ୍ରିମକୋର୍ଟଙ୍କ ପାଇଁ ଏତେ ସଂଖ୍ୟକ ମାମଲାରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ଏବଂ ତଳ କୋର୍ଟର ରେକର୍ଡ ଯାଞ୍ଚ କରିବା ଏକ ଜଟିଳ ତଥା ସମୟସାପେକ୍ଷ ପ୍ରକ୍ରିୟା ହେବ । ବିଚାରପତି ମୋହନା ମଧ୍ୟ ସ୍ପଷ୍ଟ କଲେ ଯେ ଅବମାନନା ହୋଇଛି କି ନାହିଁ ତାହା ନିଜେ ଏକ ବିବାଦୀୟ ପ୍ରଶ୍ନ, ଯାହାର ସମାଧାନ ତଥ୍ୟଭିତ୍ତିକ ପ୍ରମାଣ ଆଧାରରେ ହିଁ ହୋଇପାରିବ । ହାଇକୋର୍ଟମାନେ ନିଜ ନିଜ ରାଜ୍ୟର ଜିଲ୍ଲା ଅଦାଲତମାନଙ୍କଠାରୁ ଆବଶ୍ୟକୀୟ ରେକର୍ଡ ମଗାଇ ଏହାର ଉପଯୁକ୍ତ ବିଚାର କରିବା ପାଇଁ ଅଧିକ ସକ୍ଷମ ଅଟନ୍ତି । ଏହି ନିଷ୍ପତ୍ତି ମାଧ୍ୟମରେ ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ବିଚାର ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୨୦୨୪ ମସିହାରେ ଦିଆଯାଇଥିବା ସୁରକ୍ଷା ବଳବତ୍ତର ରହିବ ଏବଂ ଯେଉଁ ମାମଲାଗୁଡ଼ିକରେ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଛି, ତାହା ହାଇକୋର୍ଟରେ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଜାରି ରହିବ । ଅର୍ଥାତ୍ ନ୍ୟାୟାଳୟ ନିଜର ପୂର୍ବ ନିଷ୍ପତ୍ତିରେ ଅଟଳ ଅଛନ୍ତି, କିନ୍ତୁ ଏହାର ଅନୁପାଳନ ଦାୟିତ୍ୱ ଏବେ ରାଜ୍ୟସ୍ତରୀୟ ଉଚ୍ଚ ନ୍ୟାୟାଳୟମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି । ଏହାଦ୍ୱାରା ହାଇକୋର୍ଟମାନଙ୍କର ଦାୟିତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି। ଏଣିକି ହାଇକୋର୍ଟମାନଙ୍କୁ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ରାଜ୍ୟ ସରକାରମାନେ ଯେପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ଆଳ କରି ନିଜର ରାଜନୈତିକ ଏଜେଣ୍ଡା ହାସଲ ନକରନ୍ତି କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ ନକରନ୍ତି । ତେବେ ଆବେଦନକାରୀଙ୍କ ମନରେ ଏକ ଆଶଙ୍କା ରହିବା ସ୍ୱାଭାବିକ ଯେ ହାଇକୋର୍ଟମାନଙ୍କରେ ମାମଲାଗୁଡ଼ିକ ଦୀର୍ଘ ଦିନ ଧରି ପଡ଼ିରହିଲେ ପୀଡ଼ିତମାନେ ଠିକ୍ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇପାରନ୍ତି । ତେଣୁ ହାଇକୋର୍ଟମାନେ ଏହିସବୁ ମାମଲାକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରିବା ଆବଶ୍ୟକ ଏବଂ ଆବଶ୍ୟକ ସ୍ଥଳେ କଠୋର ଆଭିମୁଖ୍ୟ ଗ୍ରହଣ କରି ପ୍ରଶାସନିକ ଅଧିକାରୀଙ୍କୁ ଜବାବଦେହୀ କରିବା ଉଚିତ । ବିକେନ୍ଦ୍ରୀକରଣ ପ୍ରକ୍ରିୟା ନ୍ୟାୟ ପ୍ରଦାନକୁ ତ୍ୱରାନ୍ୱିତ କରିପାରେ ଯଦି ଉଚ୍ଚ ନ୍ୟାୟାଳୟଗୁଡ଼ିକ ସୁପ୍ରିମକୋର୍ଟଙ୍କ ମୂଳ ଉଦ୍ଦେଶ୍ୟକୁ ସଠିକ୍ ଭାବେ ହୃଦୟଙ୍ଗମ କରନ୍ତି ।

ପରିଶେଷରେ ଏହା କୁହାଯାଇପାରେ ଯେ 'ବୁଲଡୋଜର ନ୍ୟାୟ' ଏକ ସଭ୍ୟ ତଥା ଗଣତାନ୍ତ୍ରିକ ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ସମ୍ବିଧାନ ଆମକୁ ବଞ୍ଚିବାର ଅଧିକାର ଏବଂ ବାସଗୃହର ଅଧିକାର ପ୍ରଦାନ କରିଛି । ଯେକୌଣସି ଅପରାଧର ବିଚାର କରିବା ଏବଂ ଦଣ୍ଡବିଧାନ କରିବା କେବଳ ନ୍ୟାୟପାଳିକାର କାର୍ଯ୍ୟ । ଯଦି କାର୍ଯ୍ୟପାଳିକା ଏହି କ୍ଷମତାକୁ ନିଜ ହାତକୁ ନେଇଯାଏ, ତେବେ ଆଇନର ଶାସନ ଭୁଶୁଡ଼ି ପଡ଼ିବ । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏବଂ ବେଆଇନ ଜବରଦଖଲକାରୀଙ୍କ ମଧ୍ୟରେ ଥିବା ଅସାଧୁ ମେଣ୍ଟକୁ ଭାଙ୍ଗିବା ପାଇଁ ବୁଲଡୋଜରର ବ୍ୟବହାର କରାଯାଇପାରେ, କିନ୍ତୁ ଏହାକୁ ନାଗରିକଙ୍କ ବିରୋଧରେ ଏକ ଅସ୍ତ୍ର କିମ୍ବା ଲକ୍ଷ୍ୟଭିତ୍ତିକ ପ୍ରତିଶୋଧ ଭାବେ ବ୍ୟବହାର କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ଖଣ୍ଡପୀଠର ବିଚାରପତି ବାଗ୍‌ଚୀ ମଧ୍ୟ ସ୍ୱୀକାର କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ବର୍ତ୍ତମାନର ଆଦେଶ ପରେ ଏବେ ସମସ୍ତଙ୍କ ନଜର ବିଭିନ୍ନ ରାଜ୍ୟର ହାଇକୋର୍ଟମାନଙ୍କ ଉପରେ ରହିବ । ସେମାନେ କିପରି ସାଧାରଣ ନାଗରିକଙ୍କ ଅଧିକାରର ସୁରକ୍ଷା କରୁଛନ୍ତି ଏବଂ ପ୍ରଶାସନର ସ୍ୱେଚ୍ଛାଚାରିତା ଉପରେ ଲଗାମ ଲଗାଉଛନ୍ତି। ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନାଗରିକଙ୍କ ମନରେ ଆଇନ ପ୍ରତି ବିଶ୍ୱାସ ଜାଗ୍ରତ କରିବା ଦିଗରେ ଏହା ଏକ ଅଗ୍ନିପରୀକ୍ଷା ସଦୃଶ ଅଟେ । ରାଷ୍ଟ୍ରର ଶକ୍ତି ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ, ସେମାନଙ୍କୁ ଭୟଭୀତ କିମ୍ବା ଗୃହଶୂନ୍ୟ କରିବା ପାଇଁ ନୁହେଁ, ଏହି ମୂଲ୍ୟବୋଧକୁ ବଜାୟ ରଖିବା ପ୍ରତ୍ୟେକ ଗଣତାନ୍ତ୍ରିକ ଅନୁଷ୍ଠାନର କର୍ତ୍ତବ୍ୟ ହେବା ଉଚିତ ।

# ଆତ୍ମାର ଚିରନ୍ତନ ବନ୍ଧନ



## ବିଷ୍ଣୁ ପ୍ରସାଦ ଦାସ

ଆଜିର ସମୟରେ ଖବରକାଗଜର ପୃଷ୍ଠା ହେଉ କିମ୍ବା ଟିଭି ପରଦା, ସବୁଠି ପ୍ରେମ, ପ୍ରତାରଣା ଓ ହତ୍ୟାର କରୁଣ ଚିତ୍ର ଦେଖିବାକୁ ମିଳୁଛି। ଆଧୁନିକ ମଣିଷ ନିଜର ସ୍ୱାର୍ଥ ଓ ଅଭିଳାଷ ପୂରଣ ପାଇଁ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଅସ୍ତ୍ର କରୁଛି ଏବଂ ଶେଷରେ ସେହି ସ୍ୱାର୍ଥ ହାସଲ ପରେ ପ୍ରତାରଣା ଓ ହତ୍ୟା ଭଳି ଅମାନବୀୟ କାଣ୍ଡ ଘଟାଇବାକୁ ପଛାଉ ନାହିଁ। ଉନ୍ନତ ମସ୍ତିଷ୍କର ଅଧିକାରୀ କୁହାଯାଉଥିବା ମଣିଷ ଆଜି ନିଜ ଆଚରଣରେ ପଶୁଠାରୁ ବି ହୀନ ହୋଇ ଯାଉଥିବା ବେଳେ, ପଶୁପକ୍ଷୀଙ୍କ ଦୁନିଆରେ ଦୟା, କ୍ଷମା ଓ ନିଷ୍ଠାପର ପ୍ରେମର ଅନେକ ଅପୂର୍ବ ଉଦାହରଣ ଦେଖିବାକୁ ମିଳୁଛି। ଅତୀତର ସେହି କାମନା-ବାସନା ରହିତ ପବିତ୍ର ପ୍ରେମ ଗଳ୍ପ ଆଜି ମାନବ ସମାଜରେ ବିରଳ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ, ଦୁଇଟି ପକ୍ଷୀଙ୍କର ଏକ ସତ୍ୟ ଓ କାଳଜୟୀ ପ୍ରେମ କାହାଣୀ ମଣିଷ ସମାଜକୁ ଆଇନା ଦେଖାଇବା ପାଇଁ ଯଥେଷ୍ଟ।

୧୯୯୩ ମସିହାର କଥା। ଦକ୍ଷିଣ-ପୂର୍ବ ୟୁରୋପର କ୍ରୋଏସିଆ ଦେଶର ଏକ ଛୋଟ ଗାଁ 'ବ୍ରଡସ୍କି'ରେ ରହୁଥିଲେ ଷ୍ଟିପାନ୍ ଭୋକିକ୍, ଯିଏ ଜଣେ ସ୍କୁଲ୍ କର୍ମଚାରୀ ଥିଲେ। ଦିନେ ମାଛ ଧରିବା ସମୟରେ ତାଙ୍କୁ ଜଣେ ନିଷ୍ଠୁର ଶିକାରୀର ଗୁଳିରେ ଆହତ ହୋଇଥିବା ଏକ ମାଈ ସାରସ (Stork) ପକ୍ଷୀ ମିଳିଲା। ଗୁଳି ବାଜି ତାର ଡେଣାର ହାଡ଼ ଭାଙ୍ଗି ଯାଇଥିଲା। ଷ୍ଟିପାନ୍ ତାକୁ ଦୟାର୍ଦ୍ର ହୋଇ ନିଜ ଘରକୁ ଆଣିଲେ ଏବଂ ଅତ୍ୟନ୍ତ ସ୍ନେହର ସହ ତାର ସେବା ଶୁଶ୍ରୂଷା କଲେ। ସେ ସୁସ୍ଥ ତ ହେଲା, କିନ୍ତୁ ତାର ଉଡ଼ିବାର ଶକ୍ତି ଚିରଦିନ ପାଇଁ ଚାଲିଗଲା। ଷ୍ଟିପାନ୍ ତାକୁ ନିଜ ଝିଅ ଭଳି ସ୍ନେହ କଲେ ଏବଂ ଆଦରରେ ତାର ନାମ ରଖିଲେ 'ମାଲେନା'। ସେ ମାଲେନା ପାଇଁ ନିଜ ଘର ଛାତ ଉପରେ ଏକ ସୁନ୍ଦର ବସା ତିଆରି କରିଦେଲେ। ଦୁହିଁଙ୍କ ଭିତରେ ଏଭଳି ଏକ ଅନାବିଳ ଆତ୍ମୀୟତା ଗଢ଼ିଉଠିଲା ଯେ ସେମାନେ ପରସ୍ପରକୁ ଛାଡ଼ି ମୁହୂର୍ତ୍ତେ ବି ରହିପାରୁ ନଥିଲେ। ଦିନସାରା ମାଲେନା ଛାତ ଉପର ବସାରେ ରହୁଥିବା ବେଳେ ରାତିରେ ଷ୍ଟିପାନ୍‌ଙ୍କ ସହ ଘର ଭିତରେ ଶୋଉଥିଲା।

ସମୟର ଚକ୍ର ଖୁବ୍ ଶୀଘ୍ର ଘୂରିଗଲା ଏବଂ ମାଲେନା ଏକ ସୁନ୍ଦର ପୂର୍ଣ୍ଣାଙ୍ଗ ପକ୍ଷୀରେ ପରିଣତ ହେଲା । ୨୦୦୧ ମସିହାରେ ବସନ୍ତ ଋତୁର ଏକ ମଧୁର ସକାଳେ ଷ୍ଟିପାନ୍ ଦେଖିଲେ ଯେ, ଏକ ଅଣ୍ଡିରା ସାରସ ପକ୍ଷୀ ଆସି ମାଲେନା ପାଖରେ ବସିଛି। ଦୁହେଁ ନିଜ ଭାଷାରେ ମନର କଥା ହେଉଛନ୍ତି ଏବଂ ପ୍ରେମରେ ଥଣ୍ଟକୁ ଥଣ୍ଟ ଘଷୁଛନ୍ତି। ଷ୍ଟିପାନ୍ ଏହା ଦେଖି ଆନନ୍ଦିତ ହେଲେ ଏବଂ ସେହି ଅଣ୍ଡିରା ପକ୍ଷୀର ନାମ ରଖିଲେ 'କ୍ଲେପେଟାନ୍'। କ୍ଲେପେଟାନ୍ ମାଲେନା ପାଇଁ ନଦୀରୁ ମାଛ ଧରି ଆଣୁଥିଲା, ସର୍ବଦା ତାର ଛାୟା ଭଳି ପାଖେ ପାଖେ ରହୁଥିଲା। ପ୍ରକୃତିର ନିୟମ ଅନୁଯାୟୀ ସେମାନଙ୍କର ମିଳନ ହେଲା ଏବଂ ସେମାନଙ୍କ ସଂସାର ବେଶ୍ ହସଖୁସିରେ ଚାଲିଲା।

କିନ୍ତୁ ସୁଖର ଦିନ ସଦାସର୍ବଦା ରହେନାହିଁ। ଶୀତ ଋତୁ ଆସିବା ପୂର୍ବରୁ ଦିନେ ହଠାତ୍ କ୍ଲେପେଟାନ୍ ମାଲେନାକୁ ଛାଡ଼ି କେଉଁଆଡ଼େ ଚାଲିଗଲା। ସାଥୀର ବିରହରେ ମାଲେନା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲା, ଖିଆପିଆ ଛାଡ଼ିଦେଲା। ଷ୍ଟିପାନ୍ ଏହା ଦେଖି ଚିନ୍ତିତ ହେଲେ ଏବଂ ପ୍ରଥମେ କ୍ଲେପେଟାନ୍‌କୁ ଜଣେ ପ୍ରତାରକ ଭାବି ନିନ୍ଦା କଲେ। କିନ୍ତୁ ସମୟ ବଦଳିବା ସହ ମାଲେନା ନିଜକୁ ସମ୍ଭାଳି ନେଲା।ଧୀରେ ଧୀରେ ମାସ ଓ ବର୍ଷ ବିତିଗଲା। ଠିକ୍ ପରବର୍ତ୍ତୀ ବସନ୍ତରେ ଆଶ୍ଚର୍ଯ୍ୟଜନକ ଭାବେ କ୍ଲେପେଟାନ୍ ପୁଣି ମାଲେନା ପାଖକୁ ଫେରିଆସିଲା। ମାଲେନାର ଖୁସି କହିଲେ ନସରେ, ଦୁହେଁ ଆନନ୍ଦରେ ନାଚି ଉଠିଲେ। ଏହିପରି ପ୍ରତିବର୍ଷ ହେବାକୁ ଲାଗିଲା— ଶୀତରେ କ୍ଲେପେଟାନ୍ ଚାଲିଯାଏ ଏବଂ ବସନ୍ତରେ ପୁଣି ଫେରିଆସେ। ଷ୍ଟିପାନ୍ ଏହାର କାରଣ ଖୋଜିବା ପରେ ଏକ ବିସ୍ମୟକର ସତ୍ୟ ସାମ୍ନାକୁ ଆସିଲା।

ପ୍ରତିବର୍ଷ ଶୀତ ଦିନେ ସାରସ ପକ୍ଷୀମାନେ ୟୁରୋପରୁ ହଜାର ହଜାର କିଲୋମିଟର ଦୂର ସୁଦୂର ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍‌କୁ ଦେଶାନ୍ତର ଗମନ (Migration) କରନ୍ତି। ମାଲେନା ଅକ୍ଷମ ଥିବାରୁ ସେ ଉଡ଼ିପାରୁ ନଥିଲା, କିନ୍ତୁ କ୍ଲେପେଟାନ୍ ନିଜ ସାଥୀର ପ୍ରେମ ପାଇଁ ପ୍ରତିବର୍ଷ ପ୍ରାୟ ୧୩,୦୦୦ କିଲୋମିଟରର ବିପଜ୍ଜନକ ଆକାଶ ପଥ ଅତିକ୍ରମ କରି କେବଳ ତା ପାଖକୁ ଫେରିଆସୁଥିଲା। ଏହି ଅପୂର୍ବ ପ୍ରେମ କାହାଣୀ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଗଲା।

ଦୀର୍ଘ ୧୬ ବର୍ଷ ଧରି ଏହି ମଧୁର ସମ୍ପର୍କ ଚାଲିବା ପରେ, ୨୦୧୭ ମସିହାରେ କ୍ଲେପେଟାନ୍ ନିର୍ଦ୍ଦିଷ୍ଟ ସମୟରେ ଫେରିଲା ନାହିଁ। ମାଲେନା ଆକାଶକୁ ଚାହିଁ ରହି ବିକଳ ଡାକ ଦେଉଥିଲା। ଅନାବିଳ ପ୍ରେମର ବନ୍ଧନରେ ବାନ୍ଧି ହୋଇଥିବା ପ୍ରେମୀ ଯୁଗଳ ଅଲଗା ହୋଇ ରହିବା ଖୁବ୍ କଷ୍ଟ ଦାୟକ । ଷ୍ଟିପାନ୍ ମାଲେନା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛନ୍ତି । ଋତୁ ବଦଳିଛି ଦଳ ଦଳ ବିଦେଶାଗତ ପକ୍ଷୀ କେଚେରେ ମେଚେର ଶବ୍ଦ କରି ଆକାଶ ଦେଇ ଉଡ଼ି ଯାଉଛନ୍ତି... ମାଲେନା ଷ୍ଟିପାନ୍‌ଙ୍କ ଛାତ ଉପରେ ବସି ଅପଲକ ନୟନରେ କ୍ଲେପେଟାନ୍‌କୁ ଖୋଜି ଚାଲିଛି । ଷ୍ଟିପାନ୍ ଅନୁସନ୍ଧାନରୁ ଜାଣିବାକୁ ପାଇଲେ ଯେ ଲେବନାନ ଓ ଲିବିଆ ଭଳି ଦେଶ ଉପର ଦେଇ ପକ୍ଷୀମାନେ ଉଡ଼ିଯିବା ବେଳେ ଶିକାରୀମାନେ ଅବୈଧ ଭାବେ ସେମାନଙ୍କୁ ଶିକାର କରୁଛନ୍ତି। ମାଲେନାର ଦୁଃଖ ଦେଖି ନପାରି ଷ୍ଟିପାନ୍ ମାଲେନାର ଗୋଟିଏ ଝଡ଼ି ପଡ଼ିଥିବା ପରକୁ କଲମ କରି ଲେବନାନର ସରକାରଙ୍କୁ ଏକ ଅତ୍ୟନ୍ତ ଭାବପ୍ରବଣ ଚିଠି ଲେଖିଲେ। ସେଥିରେ ସେ ଏହି ଦୁଇ ପକ୍ଷୀଙ୍କ ପ୍ରେମ କାହାଣୀ ବର୍ଣ୍ଣନା କରି ପକ୍ଷୀ ଶିକାର ରୋକିବାକୁ ଅନୁରୋଧ କରିଥିଲେ। ଏହି ଚିଠି ବିଶ୍ୱବ୍ୟାପୀ ପକ୍ଷୀ ପ୍ରେମୀଙ୍କ ଉପରେ ଘୋର ରେଖାପାତ କରିଥିଲା ଏବଂ ସେହି ଦେଶରେ ବିଦେଶୀ ପକ୍ଷୀ ଶିକାର ଉପରେ କଡ଼ା କଟକଣା ଲଗାଗଲା। କିଛି ଦିନର ବିଳମ୍ବ ପରେ, ମୃତ୍ୟୁମୁଖରୁ ଉଦ୍ଧାର ପାଇ କ୍ଲେପେଟାନ୍ ପୁଣି ତାର ପ୍ରିୟତମା ମାଲେନା ପାଖକୁ ଫେରିଆସିଲା।

ବର୍ଷ ବର୍ଷ ଧରି ଏହି ଦୁଇ ପ୍ରେମୀ ପକ୍ଷୀ ଅନେକ ଶାବକଙ୍କୁ ଜନ୍ମ ଦେଇ ସେମାନଙ୍କୁ ଉଡ଼ିବା ଶିଖାଇଲେ। ସେହି ଶାବକମାନେ କ୍ଲେପେଟାନ୍ ସହ ଦକ୍ଷିଣ ଆଫ୍ରିକା ଉଡ଼ିଯାଉଥିଲେ ମଧ୍ୟ ମାଲେନା ନିଜ କର୍ତ୍ତବ୍ୟ କରି ଚାଲିଥିଲା । କିନ୍ତୁ ଜୀବନର ଚିରନ୍ତନ ସତ୍ୟ ମୃତ୍ୟୁକୁ କେହି ଏଡ଼ାଇ ପାରିବେ ନାହିଁ। ବୟସାଧିକ କାରଣରୁ ଅସୁସ୍ଥ ହୋଇ ମାଲେନା ୦୭ ଜୁଲାଇ ୨୦୨୧ରେ ଚିରଦିନ ପାଇଁ ଆଖି ବୁଜିଲା। ତାର ମୃତ୍ୟୁ ସହ ଏକ ଐତିହାସିକ ପ୍ରେମ କାହାଣୀର ଅନ୍ତ ଘଟିଲା, ଯାହା ସାରା ପୃଥିବୀକୁ ପ୍ରେମର ପ୍ରକୃତ ସଂଜ୍ଞା ବୁଝାଇ ଦେଇଗଲା।

ଆଜିର ଆଧୁନିକ ମନୁଷ୍ୟ ମାନଙ୍କୁ ଏକ ବଡ଼ ପ୍ରଶ୍ନ— ଆମେ ଆଜି କେଉଁଠି ପହଞ୍ଚିଛୁ ? ଯେଉଁଠି ମଣିଷ ଭିତରୁ ସ୍ନେହ, ଦୟା, ନିଷ୍ଠା ଓ ସହାନୁଭୂତି ଉଭେଇ ଯାଇଛି । ସେ କେବଳ କାମନା, ଲୋଭ ଓ କପଟତାର ବଶବର୍ତ୍ତୀ ହୋଇଛି । ଦୁଇଟି ପକ୍ଷୀ ଦେଖାଇଦେଲେ ଯେ, ପ୍ରେମ ହେଉଛି ତ୍ୟାଗ, ବିଶ୍ୱାସ ଓ ସମର୍ପଣର ଅନ୍ୟ ନାମ। ଅନ୍ୟକୁ ପ୍ରତାରଣା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଦରବାରରେ ନିଶ୍ଚିତ ଦଣ୍ଡ ପାଇବେ। ପ୍ରେମ ହିଁ ସତ୍ୟ, ପ୍ରେମ ହିଁ ଶିବ, ପ୍ରେମ ହିଁ ସୁନ୍ଦର। ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି କେବଳ ସାଥୀର ସ୍ନେହ ପାଇଁ ଫେରି ଆସୁଥିବା ସେହି ପକ୍ଷୀ ଯୁଗଳଙ୍କ ଠାରୁ ଆଜିର ସ୍ୱାର୍ଥପର ମଣିଷ ସମାଜର ବହୁତ କିଛି ଶିଖିବାର ଅଛି। ସମ୍ପର୍କ କେବଳ ଶାରୀରିକ ବା ସ୍ୱାର୍ଥର ଆଧାର ନୁହେଁ, ଏହା ଦୁଇଟି ଆତ୍ମାର ଚିରନ୍ତନ ବନ୍ଧନ। କେବଳ ଉପଭୋଗ ପାଇଁ ନୁହେଁ, ବରଂ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଏବଂ ପରିବାର ପ୍ରତି ସ୍ନେହରେ ହିଁ ଏହାର ପ୍ରକୃତ ସାର୍ଥକତା ରହିଛି। ପ୍ରକୃତି ସର୍ବଦା ମଣିଷକୁ ନିସ୍ୱାର୍ଥପର ହେବାକୁ ଶିଖାଏ, କିନ୍ତୁ ମଣିଷ ନିଜ ସ୍ୱାର୍ଥ ଆଗରେ ଅନ୍ଧ ହୋଇଯାଏ ।

ଜୟ ଜଗନ୍ନାଥ ।
ସମ୍ମାନ ସହ

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ମୁକ୍ତ ଶିକ୍ଷାର ବାସ୍ତବ ସଂଘର୍ଷ



## ଶ୍ରୀବତ୍ସ ନାୟକ

ସମସ୍ତଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଏକ କଲ୍ୟାଣକାରୀ ରାଜ୍ୟର ପ୍ରମୁଖ ଦାୟିତ୍ୱ । ଏହି କ୍ରମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା 'କେଜି ରୁ ପିଜି' (ନର୍ସରୀରୁ ସ୍ନାତକୋତ୍ତର) ମାଗଣା ଶିକ୍ଷା ନିଶ୍ଚିତ ଭାବେ ଏକ ଯୁଗାନ୍ତକାରୀ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାପାଇଁ, ଅର୍ଥ ଅଭାବରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରେ ଯୋଡି ହୋଇ ରହିବା ପାଇଁ ଓ ସର୍ବୋପରି ଗ୍ରସ ଏନରୋଲମେଣ୍ଟ ହାରକୁ ବଢ଼ାଇବାର ଲକ୍ଷ୍ୟ ନେଇ ପ୍ରାଥମିକ ଶ୍ରେଣୀରୁ ଆରମ୍ଭକରି ସ୍ନାତକତ୍ତୋର ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ତଥା ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଦେୟ ଛାଡ ପ୍ରସ୍ତାବକୁ ଓଡିଶା ରାଜ୍ୟ ସରକାର କ୍ୟାବିନେଟରେ ମୋହର ମାରିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିର୍ଦ୍ଦେଶ ଦେଲେ ଯେ ନୂଆକରି ଆଡମିସନ କରୁଥିବା ଛାତ୍ରଛାତ୍ରୀମାନଙ୍କଠାରୁ କୌଣସି ଆଡମିସନ ଫି ଆଦାୟ କରାଯିବ ନାହିଁ । ଫଳରେ ଆର୍ଥିକ ଅନଗ୍ରସର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାର ଦ୍ୱାର ଏକ ପ୍ରକାରେ ଉନ୍ମୁକ୍ତ ହୋଇଅଛି । ସରକାରଙ୍କର ଏ ପ୍ରକାର ଯୁଗାନ୍ତକାରୀ ନିଷ୍ପତ୍ତିକୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବେଶ୍ ପ୍ରଶଂସା କରିଛନ୍ତି କିନ୍ତୁ ଏ ସବୁ ଭିତରେ ସରକାରଙ୍କର ଏଭଳି ନିଷ୍ପତ୍ତି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନଗଡ଼ିକ ଉପରେ ଆହ୍ୱାନ ସୃଷ୍ଟି କରିଛି । ଯାହା ଉପରେ ସରକାର ତୁରନ୍ତ ଦୃଷ୍ଟିପାତ କରିବା ଆବଶ୍ୟକ ରହିଛି ।

ରାଜ୍ୟରେ ବର୍ତ୍ତମାନ ଯୁକ୍ତଦୁଇ ପ୍ରଥମ ବର୍ଷ ନିମନ୍ତେ ନାମଲେଖା ଚାଲୁଅଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀମାନେ ବିନା ପଇସାରେ ଆଡମିସନ କରୁଛନ୍ତି ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଶିକ୍ଷାନୁଷ୍ଠାନର ଅଧକ୍ଷମାନେ । ନାମଲେଖା ସମୟରେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ଏକାଡେମିକ୍, ଅନୁବନ୍ଧିତ, କଲେଜ ଡେଭଲପମେଣ୍ଟ କାଉନ୍ସିଲ, କଲେଜ ପଞ୍ଜୀକରଣ, ସାଇକେଲ୍ ଷ୍ଟାଣ୍ଡ, ମାଗାଜିନ୍, ସାହିତ୍ୟ ସଂସଦ, କଲେଜ୍ କ୍ୟାଲେଣ୍ଡର, ବାର୍ଷିକ ଉତ୍ସବ, କର୍ପସ ଫଣ୍ଡ, ଡି ଏସ୍ ଏ, କମନରୁମ୍, ଲାଇବ୍ରେରୀ ଓ ଲ୍ୟାବ ଉନ୍ନତିକରଣ, ୟୁଥ ରେଡକ୍ରସ, ଟ୍ୟୁସନ, ଟାଇମ ଟେବୁଲ, ଲେସନ ପ୍ଲାନ, ପାଠ୍ୟଖସଡ଼ା, କଲେଜ୍ ନିର୍ବାଚନ, ଛାତ୍ର ସଂସଦ, ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଣ୍ଠି, ସେମିନାର, ଏସ୍ ଏସ୍ ଜି, କ୍ରୀଡା, ଉପସ୍ଥାନ, ପ୍ରାକ୍ଟିକାଲ, ମାଇଗ୍ରେସନ, ଜାତୀୟ ସମର ଶିକ୍ଷାର୍ଥୀ, ଏନ୍ ଏସ୍ ଏସ୍, ଲାଇବ୍ରେରୀ କାର୍ଡ, ବୀମା, ଫର୍ମ ଫିଲ୍ ଅପ୍, ଫେକଲ୍ଟି ୱେଲ ଫେୟାର, ମାର୍କସିଟ ଓ ପରୀକ୍ଷା, ଇତ୍ୟାଦି ବାବଦରେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ନାମଲେଖା ସମୟରେ ଏକତ୍ର ଅର୍ଥ ଆଦାୟ ହୁଏ । ସିଟ ଅନୁସାରେ ମହାବିଦ୍ୟାଳୟଗୁଡିକ ପ୍ରାୟ ହାରାହାରି ବର୍ଷକୁ ତିରିଶ ଲକ୍ଷ ଟଙ୍କାରୁ ସତୁରି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରିଥାନ୍ତି ଯେଉଁ ଅର୍ଥରେ ମହାବିଦ୍ୟାଳୟଗୁଡିକ ବର୍ଷଯାକର ଖର୍ଚ୍ଚ ଭରଣା ହୋଇଥାଏ । ଏସବୁ ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାର୍ଷିକ ଆଦାୟ ଅର୍ଥର ପାଖାପାଖି ଦୁଇତୃତୀୟାଂଶ ଅର୍ଥ ମହାବିଦ୍ୟାଳୟର ଉନ୍ନତୀକରଣ, ଏବଂ ମହାବିଦ୍ୟାଳୟର ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କର ବେତନ ବାବଦରେ ଖର୍ଚ୍ଚ ହୋଇଥାଏ । କିପରି ଏ ସବୁ କାର୍ଯ୍ୟ କରାଯିବ ତାକୁ ନେଇ ଚିନ୍ତାରେ କଲେଜ କର୍ତ୍ତୃପକ୍ଷ ।ଆଗାମୀ ଦିନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଦରମା ନ ପାଇଲେ ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ସରକାର ନିଶ୍ଚିତ ଦିନରେ ଦାୟୀ ରହିବେ। ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗର ତଥ୍ୟ ଅନୁସାରେ ବେସରକାରୀ ଅନୁଦାନପ୍ରାପ୍ତ କମ୍ପୋଜିଟି କଲେଜ (୪୮୮ ବର୍ଗରେ) ୨୭୭ଟି ଡିଗ୍ରୀ କଲେଜ ରହି ଥିବାବେଳେ ୨୧୧ ଟି ଯୁକ୍ତ ଦୁଇକଲେଜ ରହିଛି । ସେହିଭଳି ୬୬୨ କାଟାଗୋରି ଅଧୀନରେ ୭୦୦ରୁ ଉର୍ଦ୍ଧ କଲେଜ ରହିଛି। ଗୋଟିଏ କଲେଜ ପିଛା ଯଦି ସର୍ବନିମ୍ନ ୩୦ ଲକ୍ଷ ଟଙ୍କା ହିସାବକୁ ନିଆଯାଏ ତେବେ ପାଖାପାଖି ୩୫୦ କୋଟିରୁ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଅର୍ଥ ରାଜ୍ୟ ସରକାରକୁ ଭରଣା କରିବାକୁ ପଡିବ । ଅବଶ୍ୟ ଏହି ଯୋଜନା ନିମନ୍ତେ ପ୍ରଥମ ବର୍ଷ ପାଇଁ ୮୯୫.୫୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି କିନ୍ତୁ ଏହା କେତେ ସୁଫଳ ଦେଉଛି ତାହା ଦେଖିବା ବାକି ରହିଲା । ଯେତେବେଳେ ସରକାରୀ ମହାବିଦ୍ୟାଳୟ ଗୁଡିକୁ ସରକାର କଣ୍ଟିଜେନ୍ସି ଫଣ୍ଡ, ବିଭିନ୍ନ କାର୍ଯ୍ୟକ୍ରମରେ ଆର୍ଥିକ ପ୍ରୋତ୍ସାହନ, ବିଦ୍ୟୁତ ବିଲ୍ ଆଦି ପ୍ରଦାନ କରୁଛନ୍ତି ସେତେବେଳେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକୁ ଟଙ୍କାଟିଏ ଦିଆଯାଉନାହିଁ । ରାଜ୍ୟ ସରକାର ସରକାରୀ ଅନୁଷ୍ଠାନ ଗୁଡିକ ଯେତିକି ସୁବିଧା ଦେଉଛନ୍ତି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକୁ ସେଭଳି ସୁବିଧା ଯୋଗାଇବା ଆବଶ୍ୟକ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ସମୟରେ ଯେମିତି ପାଖାପାଖି ୩୦୦୦ଟି ବିଦ୍ୟାଳୟକୁ ସରକାରୀକରଣ କରାଯାଇଥିଲା ସେହିଭଳି ଲୋକଙ୍କ ସରକାରର ନାରା ଦେଉଥିବା ଡବଲ ଇଞ୍ଜିନ ସରକାର, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କରିବା ସହିତ ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସରକାରୀ ଚାକିରୀର ସୁବିଧା ଯୋଗାଇ ଦେବାର ଐତିହାସିକ ପଦକ୍ଷେପ ଗ୍ରହଣ କରନ୍ତୁ ଆଶା କରିବା ରାଜ୍ୟ ସରକାରଙ୍କର 'ଜ୍ଞାନୋଦୟ'-ଶିକ୍ଷାରୁ ସମୃଦ୍ଧି; କେଜିରୁ ପିଜି ମାଗଣା ଶିକ୍ଷା ଯୋଜନା ସଫଳ ରୂପାୟନ ହେଉ କିନ୍ତୁ ସରକାର କୌଣସି ଏକ ଯୋଜନା ପ୍ରଣୟନ କରିବା ପୂର୍ବରୁ ତାହାର ଆଗ ପଛକୁ ବିଚାର କରନ୍ତୁ ତରବରିଆ ଭାବରେ ନିଷ୍ପତ୍ତି ନ ନିଅନ୍ତୁ । ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତିକ ଓ ସୁଲଭ କରିବାପାଇଁ ସ୍କୁଲ କଲେଜରେ ଆବଶ୍ୟକ ଭିତିକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି, ଅନୁଷ୍ଠାନର ପରିଚାଳନା ଓ ସୁରକ୍ଷା ନିମନ୍ତେ ଉପଯୁକ୍ତ ଆର୍ଥିକ ପ୍ରୋତ୍ସାହନ ଦେଲେ ଏହା ଫଳପ୍ରଦ ହେବ ! ହଁ ଆଜ୍ଞା ଯୋଜନା ହେଉ କିନ୍ତୁ ଯୋଜନା ଗୁଡିକ ଭୋଟ୍ ସର୍ବସ୍ୱ ନହେଉ ନଚେତ୍ ଏହା ଗଣତନ୍ତ୍ରର ଏକ ପାର୍ଶ୍ୱ ପ୍ରତିକ୍ରିୟା ବୋଲି ଧରିନିଆଯିବ । ଆମ ଦେଶରେ ଅନେକ ମାଗଣା ଯୋଜନା କାର୍ଯ୍ୟ କରୁଅଛି ସେହିଭଳି ମାଗଣା ଶିକ୍ଷାଦାନ ଯୋଜନା ରାଜନୈତିକ ଆଶ୍ୱାସନା ରେ ସୀମିତ ନରହୁ । ମାଗଣା ଶିକ୍ଷା ନୁହଁ କେବଳ ଉପଯୋଗୀ ଶିକ୍ଷା ହିଁ ସମାଜର ପ୍ରକୃତ ଆବଶ୍ୟକତା।

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ,
ମୋ: ୯୪୩୮୦୭୦୮୪୯

## କବିତା କୋଣାର୍କ

### ରଥର ଉପରେ ଜଗା...
### ସୁଧାକର ରାଉତ



ତୁମେ ଭକତର ଭକତ ତୁମର
ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ
ଭାଇ ଭଉଣୀଙ୍କୁ ଧରି
ରଥ ପରେ ବିଜେ ହୋଇଛନ୍ତି ପରା
ପତିତ ପାବନ ହରି ।

ଶ୍ରୀମନ୍ଦିରେ ସିନା ଜାତି ଧର୍ମ ବର୍ଣ୍ଣ
ହୋଇଥାଏ ଲୋଡ଼ା ଖୋଜା
ବଡଦାଣ୍ଡ କିନ୍ତୁ ବାଜୁଅଛି ଏବେ
ଧର୍ମ ସମନ୍ୱୟ ବାଜା ।

ଚାଣ୍ଡାଳ ଠାରୁ ବ୍ରାହ୍ମଣ ପରିଯନ୍ତେ
ସଭିଏଁ ଭକତି ଭୋଳେ
ଦର୍ଶନ କରନ୍ତି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ
ଶରଧା ବାଲିର କୋଳେ ।

ଘଣ୍ଟ ଘଣ୍ଟା ଭେରୀ ତୂରୀ ଶବଦରେ
କମ୍ପି ଉଠେ ପରା ମହୀ
ରଥାରୁଢ଼ ଶ୍ରୀଜୀଉ ମାନଙ୍କ ଦର୍ଶନ
ଭକ୍ତ ମନ ନିଏ ମୋହି ।

ରତ୍ନ ବେଦୀରୁ ଜନ୍ମ ବେଦୀ ଯାନ୍ତି ସେ
ଶିରୀ ମନ୍ଦିରକୁ ଛାଡି
ଘୋଷ ଯାତ୍ରାର ସେ ବାହାନା ଦେଖାନ୍ତି
ଭକତ ଡାକ ନ ଏଡି ।

ଜନ ସମୁଦ୍ର ରେ ହୁଏ ପରିଣତ
ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀ କ୍ଷେତ୍ର
ଭାବ, ଭକ୍ତି ସମର୍ପଣ ରେ ଉଚ୍ଛୁଳେ
ପବିତ୍ର ହୁଅଇ ନେତ୍ର ।

ନବଦିନ ବ୍ୟାପୀ ଏ ମହାନ ପର୍ବ
ନିଆରା ମରତ ଧାମେ
ଭକ୍ତ ଭଗବାନ ମହା ମିଳନରେ
ବାନ୍ଧି ହୋନ୍ତି ଭାବ ପ୍ରେମେ ।

ମାନବୀୟ ଲୀଳା ଅଂଶ ଘୋଷଯାତ୍ରା
ସଂସାର ମଧ୍ୟ ରେ ସାର
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
କି ବୁଝିବୁ ଆମେ ଛାର ।

ତୁମ ଶ୍ରୀଚରଣେ ହୋଇ ଯୋଡ଼ କରେ
କରୁଅଛୁ ଏହି ଅଳି
ଅମୃତମୟ କରି ଏ ଜଗତ
ଦିଅ ସର୍ବବିଘ୍ନ ଟାଳି ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

### ବରଷା ହୋଇଲା
### ଜୟନ୍ତ କୁମାର ମଲ୍ଲିକ୍



ବରଷା ହୋଇଲା ମାଟିଯେ ଧୋଇଲା
କଦଳୀ ଗଛଯେ ଶୋଇଲା
ବିଲବାଡ଼ି ସବୁ ପାଣିରେ ବୁଡ଼ିଲା
ଚାଷୀ ତତପର ହୋଇଲା ।

ମେଘ ବରଷିଲା ବିଜୁଳି ହସିଲା
ଘଡ଼ଘଡ଼ି ରଡ଼ି ଛାଡ଼ିଲା
ବଢ଼ିଲା ନଈର ସୁଉ ସୁଉ ସୁଅ
ଦେଖିକି ତ ଡର ମାଡ଼ିଲା ।

ଲଗାଇଲା ଝଡ଼ି କାନ୍ଥ ଗଲା ପଡ଼ି
ଗରିବ କପାଳ ଫାଟିଲା
ତିନ୍ତି ବୁଡ଼ି ସେତ ଭୋକ ଉପାସରେ
ଜରି ତଳେ ଦିନ କାଟିଲା ।

ନାଳି ପାଣି ଢୋକେ ମାରି କିଛି ଲୋକେ
ଚିକେନ୍ ପକୋଡ଼ା ଖାଇଲେ
ଇସ୍କୁଲ ପିଲାଏ କୁରୁକୁରି ଖାଇ
ଲିମୁଡ଼ା ଲିମୁଡ଼ା ଗାଇଲେ ।

ବରଷା ଆମର ଅତି ଉପକାର
ପର ଉପକାରୀ ମିତଟେ
ଆସ କୁନା କୁନି ଖୁସିରେ ତା' ପାଇଁ
ଗାଇବା ଖୁସିରେ ଗୀତଟେ ।

+ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୬୨୭

ବିନୋଦନ ବିନୋଦନ ବିନୋଦନ



ସିନେମା ଓ ମନୋରଂଜନର ଫର୍ଦ

# ଧ୍ୱନି ପ୍ରତିଧ୍ୱନି

ଶୁକ୍ରବାର, ୧୭ ଜୁଲାଇ ୨୦୨୬



## 'ଲଭ୍ ଜିହାଦ' ଅଭିଯୋଗର ଉତ୍ତର



ଗତ ୫ ତାରିଖରେ ଅଭିନେତା ଆମିର ଖାଁ ତୃତୀୟ ବିବାହ କରିବା ପରଠାରୁ ବିବାଦ ତାଙ୍କ ପିଛା ଛାଡୁନାହିଁ। ଗୌରୀ ସ୍ପ୍ରାଟ୍‌ଙ୍କ ସହିତ ତାଙ୍କ ବିବାହର ଦୃଶ୍ୟଗୁଡ଼ିକ ଭାରତୀୟ ଜନସାଧାରଣଙ୍କ ପାଇଁ ବିରଳ ଥିଲା, କାରଣ ତାଙ୍କ ଦୁଇ ପୂର୍ବ ପତ୍ନୀ ରୀନା ଓ କିରଣ ଏହି ନବବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ ଦେବାକୁ ଆସିଥିଲେ। ଆମିରଙ୍କ ପୁଅଝିଅମାନେ ମଧ୍ୟ ତାଙ୍କର ତୃତୀୟ ବିବାହରେ ଉପସ୍ଥିତ ଥିଲେ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଯାବତୀୟ ଥଟ୍ଟାମଜା ଦେଖିବାକୁ ମିଳିଲା। ତେବେ କେତେଜଣ ରାଜନେତା ଏହି ବିବାହ ସହିତ 'ଲଭ୍ ଜିହାଦ' ପରି ବିବାଦୀୟ ପ୍ରସଙ୍ଗକୁ ଯୋଡ଼ି ମନ୍ତବ୍ୟ ଦେବା ପରେ ଆମିରଙ୍କ ଚିନ୍ତା ବଢ଼ିବା ସ୍ୱାଭାବିକ। ତେଣୁ ସେ ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି। ସେ ସ୍ପଷ୍ଟ କରି କହିଛନ୍ତି ଯେ ତାଙ୍କ ପତ୍ନୀ ଗୌରୀ ହିନ୍ଦୁ ନୁହନ୍ତି, ସେ ଜଣେ ଖ୍ରୀଷ୍ଟିଆନ୍। ଆମିର ଆହୁରି ମଧ୍ୟ କହିଛନ୍ତି ଯେ ଧର୍ମ ତାଙ୍କ ବ୍ୟକ୍ତିଗତ ସମ୍ପର୍କକୁ କେବେହେଲେ ପ୍ରଭାବିତ କରିନାହିଁ। ତାଙ୍କୁ ବିବାହ କରିବା ପାଇଁ ରୀନା କିମ୍ବା କିରଣ ସେମାନଙ୍କ ଧର୍ମ ବଦଳାଇ ନଥିଲେ କି ଗୌରୀ ମଧ୍ୟ ସେପରି କରି ନାହାନ୍ତି। ସେ ସବୁଥର 'ସିଭିଲ୍ ମ୍ୟାରେଜ୍' କରିଛନ୍ତି, ଯେଉଁଥିରେ କାହାରିକୁ ନିଜର ଧର୍ମ ବଦଳାଇବାକୁ ପଡ଼େ ନାହିଁ। ତେଣୁ 'ଲଭ୍ ଜିହାଦ'ର ପ୍ରଶ୍ନ ଉଠୁନାହିଁ। ପରିବାରର ଆଭିମୁଖ୍ୟ ନେଇ ଆମିର କହିଛନ୍ତି ଯେ ତାଙ୍କ ପରିବାର ଅନ୍ତର୍ଧର୍ମ ବିବାହ ନେଇ ଖୁବ୍ ଉଦାର। ତାଙ୍କ ଦୁଇ ଭଉଣୀ ଓ ଝିଅ ଜଣେ ଜଣେ ହିନ୍ଦୁଙ୍କୁ ବିବାହ କରିଛନ୍ତି। ତେବେ ଆମିରଙ୍କୁ ଏବେ ଆଉ ଏକ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଅଣ-ମୁସଲମାନ ମହିଳାଙ୍କୁ ବିବାହ କରିଥିବାରୁ ଉତ୍ତରପ୍ରଦେଶର ଜଣେ ମୌଲାନା ତାଙ୍କ ନାମରେ ଫତ୍‌ୱା ଜାରି କରିଛନ୍ତି।

## ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବା ଚଳଚ୍ଚିତ୍ର ପାଇଁ ସିବିଏସଫ୍‌ସି ବାଧ୍ୟତାମୂଳକ ହେବ



ଦିଲଜିତ ଦୋସାଞ୍ଜଙ୍କ ସତଲୁଜ୍‌କୁ ନେଇ ବିବାଦ ତେଜିଥିବାବେଳେ କେନ୍ଦ୍ର ସରକାର ଓଟିଟି ପ୍ଲାଟଫର୍ମରେ ସିଧାସଳଖ ମୁକ୍ତିଲାଭ କରୁଥିବା ଚଳଚ୍ଚିତ୍ର ପାଇଁ ସିବିଏଫ୍?ସି ( ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍) ଅନୁମୋଦନକୁ ବାଧ୍ୟତାମୂଳକ କରିବାକୁ ବିଚାର କରୁଛନ୍ତି। ଏକ ସରକାରୀ ସୂତ୍ରରୁ ଏହା ଜଣାପଡ଼ିଛି। ସୂତ୍ର ଅନୁଯାୟୀ, ସିବିଏଫ୍‌ସି ସାର୍ଟିଫିକେଟ୍ ବିନା ସତଲୁଜ୍‌ର ପ୍ରଦର୍ଶନ ପରେ ଏହି ପଦକ୍ଷେପ ନିଆଯିବ। ସୂତ୍ର ଅନୁଯାୟୀ, ପ୍ରମାଣପତ୍ର ବିନା ସତଲୁଜ୍‌ର ପ୍ରଦର୍ଶନ ଆଇନଗତ ଭାବରେ ଅନୁମୋଦିତ ନୁହେଁ ଏବଂ ଚଳଚ୍ଚିତ୍ରର ଅନଧିକୃତ ସାର୍ବଜନୀନ ପ୍ରଦର୍ଶନ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦାୟିତ୍ୱ । ଜି୫ ପ୍ଲାଟଫର୍ମରେ ଫିଲ୍ମର ଏକ ଅପ୍ରମାଣିତ ସଂସ୍କରଣ ଷ୍ଟ୍ରିମ୍ କରାଯାଇଥିବା ଅଭିଯୋଗରେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଚାର କରାଯାଉଥିବା ଜଣାପଡ଼ିଛି। ତେବେ ଏଯାବତ କୌଣସି ସରକାରୀ ନିଷ୍ପତ୍ତି ଘୋଷଣା କରାଯାଇ ନାହିଁ। ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବା ସମସ୍ତ ଚଳଚ୍ଚିତ୍ର ପାଇଁ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବା ଉଚିତ କି ନାହିଁ ତାହା ମଧ୍ୟ କେନ୍ଦ୍ର ସରକାର ଯାଞ୍ଚ କରୁଛନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରସ୍ତାବ ଅନୁଯାୟୀ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଷ୍ଟ୍ରିମିଂ ସେବାରେ ସେମାନଙ୍କର ଚଳଚ୍ଚିତ୍ର ପ୍ରିମିୟର କରିବା ପୂର୍ବରୁ ସିବିଏଫସି ପ୍ରମାଣପତ୍ର ପାଇବାକୁ ପଡିବ। ମାନବାଧିକାର କର୍ମୀ ଜସୱନ୍ତ ସିଂହ ଖାଲରାଙ୍କ ଜୀବନୀ ଉପରେ ଆଧାରିତ 'ସତଲୁଜ୍' ଭାରତରେ ମୁକ୍ତିଲାଭ କରିବାର କିଛି ସମୟ ପରେ ଜି୫ ରୁ ହଟାଇ ଦିଆଯାଇଥିଲା। ହଟାଇବାର କିଛି ସମୟ ପରେ, ଦିଲଜିତ୍ ଦୋସାଞ୍ଜ ଏକ ଭିଡିଓ ସେୟାର କରି ଦର୍ଶକଙ୍କୁ ଫିଲ୍ମଟି ଷ୍ଟ୍ରିମିଂ ପ୍ଲାଟଫର୍ମରୁ ହଟାଇବା ସତ୍ତ୍ୱେ ଦେଖିବାକୁ ଅନୁରୋଧ କରିଥିଲେ।ଏହା ପରେ ଅନେକ ରାଜ୍ୟର ଗୁରୁଦ୍ୱାରରେ ଆୟୋଜିତ ସାମୁଦାୟିକ କାର୍ଯ୍ୟକ୍ରମରେ ଏହି ଚଳଚ୍ଚିତ୍ରଟି ପ୍ରଦର୍ଶିତ ହୋଇଛି। ଆୟୋଜକମାନେ କହିଛନ୍ତି ଯେ ଓଟିଟି ପ୍ରତ୍ୟାହାର ସତ୍ତ୍ୱେ ଖାଲରାଙ୍କ କାହାଣୀକୁ ଜୀବନ୍ତ ରଖିବା ପାଇଁ ଏହି ପଦକ୍ଷେପର ଲକ୍ଷ୍ୟ ରହିଛି।

## 'ଜିନ୍ଦେଗି ନା ମିଲେଗି ଦୋବାରା' ପାଇଁ ହ୍ରିତିକ୍ ରୋଶନ ନଥିଲେ ପ୍ରଥମ ପସନ୍ଦ

ହ୍ରିତିକ୍ ରୋଶନ, ଫରହାନ୍ ଅଖତର, ଅଭୟ ଦେଓଲ୍ ଏବଂ କ୍ୟାଟ୍ରିନା କୈଫଙ୍କ ଅଭିନୀତ 'ଜିନ୍ଦେଗି ନା ମିଲେଗି ଦୋବାରା' ମୁକ୍ତିଲାଭ କରିବାର ୧୫ ବର୍ଷ ବିତିଗଲାଣି। ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରକୁ ଏକ କଲ୍ଟ କ୍ଲାସିକ୍ ଭାବରେ ବିବେଚନା କରାଯାଏ ଏବଂ ଯୁବପିଢ଼ିଙ୍କ ପ୍ରିୟ ଚଳଚ୍ଚିତ୍ର ତାଲିକାରେ ସ୍ଥାନ ପାଇଛି। କାହାଣୀଟି ଜୀବନରେ ଖୁସି ରହିବାର ଗୁରୁତ୍ୱକୁ ଉଜ୍ୱଳ କରିଥାଏ। ସେମାନେ ଅନୁଭବ କରିଥିଲେ ଯେ ଜୀବନ କେବଳ ଗୋଟିଏ, ଏବଂ ଏହାକୁ ଆଜି ବିଷୟରେ ଚିନ୍ତା କରି ଏବଂ କାଲି ବିଷୟରେ ଚିନ୍ତାକରି ନଷ୍ଟ କରିବା ଉଚିତ୍ ନୁହେଁ।

ଯେତେବେଳେ ଫିଲ୍ମ ପାଇଁ କାଷ୍ଟିଂ ଆରମ୍ଭ ହୋଇଥିଲା, ହ୍ରିତିକ୍ ରୋଶନ ଏବଂ ଅଭୟ ଦେଓଲ ପ୍ରଥମ ପସନ୍ଦ ନଥିଲେ। ରିପୋର୍ଟ ଅନୁଯାୟୀ, ହ୍ରିତିକଙ୍କ ଭୂମିକା ରଣବୀର କପୁରଙ୍କୁ ଏବଂ ଅଭୟଙ୍କ ଭୂମିକା ଇମ୍ରାନ



ଖାନଙ୍କୁ ଅଫର୍ ଦିଆଯାଇଥିଲା। କିନ୍ତୁ, ସେତେବେଳେ ରଣବୀର ଏହି ଭୂମିକାରେ ଅଭିନୟ କରିବା ପାଇଁ ବହୁତ ଛୋଟ ଥିଲେ ଏବଂ ଇମ୍ରାନ ଖାନ ବି କୌଣସି କାରଣରୁ ରାଜି ହୋଇନଥିଲେ। ଉଭୟ ଭୂମିକା ପ୍ରତ୍ୟାଖ୍ୟାନ କରିଥିଲେ, ଯାହା ଫଳରେ ହ୍ରିତିକ୍ ରୋଶନ ଏବଂ ଅଭୟ ଦେଓଲ ଏହି ଭୂମିକା ଗ୍ରହଣ କରିଥିଲେ। ଉଭୟ ସେମାନଙ୍କ ଭୂମିକା ପାଇଁ କିନ୍ତୁ ଫିଟ୍ ଥିଲେ।

ଫିଲ୍ମର ଗୋଟିଏ ଦୃଶ୍ୟରେ, ହ୍ରିତିକ୍, ଫରହାନ୍ ଏବଂ ଅଭୟଙ୍କୁ କ୍ୟାଟ୍ରିନାଙ୍କ ସହିତ ସ୍କୁବା ଡାଇଭିଂ କରିବାକୁ ପଡିଥିଲା। ଏହି ଦୃଶ୍ୟଟି ପାଣି ତଳେ ଥିବା ଶାନ୍ତି ଏବଂ ଶାନ୍ତିକୁ ଦର୍ଶାଇବା କଥା ଥିଲା, କିନ୍ତୁ ଏହାକୁ ସଫଳ କରିବା ପାଇଁ ଅଭିନେତାମାନଙ୍କୁ ଅପାର ସାହସ ଦେଖାଇବାକୁ ପଡିଥିଲା।

ଏହି ଦୃଶ୍ୟଟି ସ୍ପେନର କାଟାଲୋନିଆ ଅଞ୍ଚଳର କୋଷ୍ଟା ବ୍ରାଭାରେ ସୁଟିଂ କରାଯାଇଥିଲା। ସମସ୍ତ ଅଭିନେତାଙ୍କ ମଧ୍ୟରୁ, ହ୍ରିତିକ୍ ରୋଶନ ପାଣିକୁ ସବୁଠାରୁ ଅଧିକ ଭୟ କରୁଥିଲେ। ତଥାପି, ଜଣେ ପ୍ରଶିକ୍ଷକଙ୍କ ସହାୟତାରେ ସେ ଏହି ଦୃଶ୍ୟକୁ ସମାପ୍ତ କରିଥିଲେ। ଏକ ସାକ୍ଷାତକାରରେ, ହ୍ରିତିକ୍ ନିଜେ କହିଥିଲେ ଯେ ଏହି ଚଳଚ୍ଚିତ୍ର ପରେ ତାଙ୍କର ପାଣି ପ୍ରତି ଭୟ ସବୁଦିନ ପାଇଁ ଉଭାନ ହୋଇଗଲା।

## ମହାକାଳୀ' ସୁଟିଂ ଶେଷ ପର୍ଯ୍ୟାୟରେ: ଖୁବ୍ ଶୀଘ୍ର ଆସିବ ରିଲିଜ୍ ତାରିଖ

ଭାରତୀୟ ପୌରାଣିକ ସିନେମାର ପରିସର ଦିନକୁ ଦିନ ବଢୁଥିବା ବେଳେ ଦର୍ଶକଙ୍କ ଅପେକ୍ଷାର ତାଲିକାରେ ରହିଛି ପ୍ରଶାନ୍ତ ବର୍ମା ସିନେମାଟିକ୍ ୟୁନିଭର୍ସର ଆଗାମୀ ଫିଲ୍ମ 'ମହାକାଳୀ'। ପୂଜା ଅପର୍ଣ୍ଣା କୋଲୁରୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ପୌରାଣିକ କାହାଣୀରେ ଭୂମି ଶେଟ୍ଟୀ ମୁଖ୍ୟ ଭୂମିକାରେ ନଜର ଆସିବେ। ସେହିପରି ବଲିଉଡ୍ ଅଭିନେତା ଅକ୍ଷୟ ଖାନ୍ନା ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ମାସ ମାସ ଧରି ଏହାର ସୁଟିଂ ଚାଲିବା ପରେ ବର୍ତ୍ତମାନ ଫିଲ୍ମଟି ପ୍ରଡକ୍ସନର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ଦ୍ଦେଶକଙ୍କ ନୂଆ ଅପଡେଟ୍ ଅନୁସାରେ, ଫିଲ୍ମଟିର ରିଲିଜ୍ ତାରିଖର ଘୋଷଣା ଖୁବ୍ ଶୀଘ୍ର କରାଯିବ। ମଙ୍ଗଳବାର ଜକଡ ଷ୍ଟୁଡିଓ ପକ୍ଷରୁ ଫିଲ୍ମର କିଛି ପରଦା ପଛର ଫଟୋ ସେୟାର କରାଯାଇଥିଲା। ଏଥିରେ ଅଭିନେତ୍ରୀ ଭୂମି ଶେଟ୍ଟୀ, ନିର୍ଦ୍ଦେଶକ ପୂଜା ଅପର୍ଣ୍ଣା କୋଲୁରୁ ଏବଂ ପ୍ରଶାନ୍ତ ବର୍ମା ନଜର ଆସିଥିଲେ। ଏହି ଅପଡେଟ୍ ପ୍ରକାଶ ପାଇବା ପରେ ସୋସିଆଲ୍ ମିଡିଆରେ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଷ୍ଟୁଡିଓ ପକ୍ଷରୁ କୁହାଯାଇଛି, 'ସୁଟିଂ ଚାଲୁ ରହିଛି, ଏବେ ଫାଇନାଲ୍ ପର୍ଯ୍ୟାୟର ଆରମ୍ଭ ହେବ। 'ମହାକାଳୀ'ର ୧୨୫ ଦିନର ସୁଟିଂ ସଫଳତାର ସହ ଶେଷ ହୋଇଛି। ଅକ୍ଷୟ ଖାନ୍ନା ଓ ରୋହିତ ସରାଫ୍ ନିଜ ନିଜ ସୁଟିଂ ସିଡ୍ୟୁଲ୍ ଶେଷ କରିଛନ୍ତି। ଫିଲ୍ମଟି ଓଗଇଢ ଫର୍ମାଟରେ ସୁଟ୍ କରାଯାଇଛି ଏବଂ ରିଲିଜ୍ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ।'

## 'ତୁମ୍ବାଡ଼ ୨'ରେ ଆଲିୟା



ତୁମ୍ବାଡ଼' ଚଳଚ୍ଚିତ୍ରର ପରବର୍ତ୍ତୀ ଭାଗରେ ଆଲିୟା ଭଟ୍ଟଙ୍କୁ ସାମିଲ କରାଯାଇଛି। ଏଥି ସହିତ ଏହା ଆଲିୟାଙ୍କ ୧୪ ବର୍ଷର ଅଭିନୟ କ୍ୟାରିଅରର ପ୍ରଥମ ଭୂତ-ଚଳଚ୍ଚିତ୍ର ହେବାକୁ ଯାଉଛି। ଏହି ବହୁପ୍ରତୀକ୍ଷିତ ଭୌତିକ ଚଳଚ୍ଚିତ୍ରରେ ନୱାଜୁଦ୍ଦୀନ ସିଦ୍ଦୀକୀ ଅଭିନୟ କରୁଥିବା ସମ୍ପର୍କରେ ଗତ ମାର୍ଚ୍ଚ ମାସରେ ଘୋଷଣା କରାଯାଇଥିଲା। 'ତୁମ୍ବାଡ଼ ୨' ଆସନ୍ତା ବର୍ଷ ଡିସେମ୍ବର ୩ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ଅଭିନେତା-ପ୍ରଯୋଜକ ସୋହମ୍ ଶାହ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୮ରେ ମୁକ୍ତିଲାଭ କରିଥିବା 'ତୁମ୍ବାଡ଼' ଚଳଚ୍ଚିତ୍ରଟି ଭାରତୀୟ ଭୂତ- ଚଳଚ୍ଚିତ୍ରପ୍ରେମୀଙ୍କ ଗହଣରେ ଏକ 'କ୍ଲାସିକ୍' ଭାବେ ସୁପରିଚିତ। ତେବେ ମୁକ୍ତିଲାଭ ସମୟରେ ତାହା ମାତ୍ର ୧୫ କୋଟି ଟଙ୍କା ଆୟ କରି ବକ୍ସ ଅଫିସ୍‌ରେ ବିଫଳ ହୋଇଥିଲା। ଷ୍ଟ୍ରିମିଂ ମଞ୍ଚକୁ ଆସିବା ପରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ୨୦୨୪ରେ ଏହା ପ୍ରେକ୍ଷାଳୟରେ ପୁଣି ମୁକ୍ତିଲାଭ କରି ୪୧ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏଥିରେ କୌଣସି ବଡ଼ ତାରକା ନଥିବା ସତ୍ତ୍ୱେ, ମୌଳିକ କାହାଣୀ ଓ ଉତ୍ତମ ଅଭିନୟ ବଳରେ ହିଁ 'ତୁମ୍ବାଡ଼'କୁ ଏତେ ଭଲପାଇବା ମିଳିଆସିଛି। ତେଣୁ ଏହାର ସିକ୍ୱେଲ୍‌ରେ ଆଲିୟା ଓ ନୱାଜୁଦ୍ଦୀନ୍‌ଙ୍କ ପରି ବଡ଼ ତାରକାଙ୍କୁ ନେବାର ନିଷ୍ପତ୍ତିକୁ କିଛି ସିନେପ୍ରେମୀ ବିରୋଧ କରୁଛନ୍ତି। କାରଣ ଏହା ଦ୍ୱାରା ଚଳଚ୍ଚିତ୍ରଟି କାହାଣୀକୈନ୍ଦ୍ରିକ ବଦଳରେ ତାରକାକୈନ୍ଦ୍ରିକ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ତେବେ ଏହାର ନିର୍ଦ୍ଦେଶକ ଆଦେଶ ପ୍ରସାଦ ଓ ପ୍ରଯୋଜକ ସୋହମ୍ ଶାହ ଅଧିକ ମନୋରଂଜନର ପ୍ରତିଶ୍ରୁତି ଦେଉଛନ୍ତି। ପ୍ରଥମ ଭାଗ ପରି 'ତୁମ୍ବାଡ଼ ୨'ରେ ମଧ୍ୟ 'ଲୋଭ' ଓ 'ଅମରତ୍ୱ' ମୁଖ୍ୟ ବିଷୟବସ୍ତୁ ରହିବ ବୋଲି ଅନୁମାନ କରାଯାଉଛି।

## ଫ୍ୟାଣ୍ଟାସି ହରର୍ ଫିଲ୍ମ 'ତୁମ୍ବାଡ୍'ର ସିକ୍ୱେଲରେ ନଜର ଆସିବେ ଆଲିଆ ଭଟ୍ଟ



'ଆଲଫା' ପରେ ବଲିଉଡର ଲୋକପ୍ରିୟ ନାୟିକା ଆଲିଆ ଭଟ୍ଟ ଆଉ ଏକ ହିନ୍ଦୀ ସିନେମାରେ ନଜର ଆସିବେ। ୨୦୧୮ର କଲ୍ଟ ଫ୍ୟାଣ୍ଟାସି ହରର୍ ଫିଲ୍ମ 'ତୁମ୍ବାଡ୍'ର ସିକ୍ୱେଲ୍ 'ତୁମ୍ବାଡ୍ ୨'ର ସେ ଅଭିନୟ କରିବେ। ଏହି ଫିଲ୍ମରେ ଅଭିନେତା ସୋହମ୍ ଶାହ ଏବଂ ନୱାଜୁଦ୍ଦିନ୍ ସିଦ୍ଦିକୀଙ୍କ ସହ ଅଭିନୟ କରିବେ, ଯାହା ଡିସେମ୍ବର ୩, ୨୦୨୭ରେ ସିନେମା ହଲରେ ମୁକ୍ତିଲାଭ କରିବ। ଏହି ସିକ୍ୱେଲର ନିର୍ଦ୍ଦେଶନା ଆଦେଶ ପ୍ରସାଦ ଦେଉଥିବା ବେଳେ ଏବଂ ଏହାକୁ ସୋହମ୍ ଶାହ ଫିଲ୍ମସ୍ ପେନ୍ ଷ୍ଟୁଡିଓ ସହିତ ମିଶି ନିର୍ମାଣ କରୁଛନ୍ତି। ଏହି ସିନେମାରେ କାମ କରିବା ନେଇ ଆଲିଆ କହିଛନ୍ତି ଯେ ମୂଳ ଫିଲ୍ମଟି ତାଙ୍କ ଉପରେ ଏକ ସ୍ଥାୟୀ ଛାପ ଛାଡ଼ିଛି। ସେ କହିଛନ୍ତି, 'ତୁମ୍ବାଡ୍ ଦେଖିବା ପରଠାରୁ ମୁଁ ମୋ ସହିତ ରହିଛି। ବହୁତ କମ୍ ଫିଲ୍ମ ଏପରି ଏକ ଦୁନିଆ ସୃଷ୍ଟି କରନ୍ତି ଯାହା ଏହି ମୌଳିକ ଏବଂ ନିମଜ୍ଜିତ ଅନୁଭବ କରେ, ଏବଂ ମୁକ୍ତିଲାଭ କରିବାର ବର୍ଷ ପରେ ମଧ୍ୟ କମ୍ ଲୋକଙ୍କ କଳ୍ପନାରେ ବଢ଼ି ଚାଲିଥାଏ। ଏହା ହିଁ ଏହି ସୁଯୋଗକୁ ଏତେ ରୋମାଞ୍ଚକର କରିଥାଏ।' ସେ ଆହୁରି କହିଛନ୍ତି, 'ବର୍ତ୍ତମାନ ସେହି ଦୁନିଆର ଏକ ଅଂଶ ହେବା ଅତ୍ୟନ୍ତ ସ୍ୱତନ୍ତ୍ର। ମୁଁ ସୋହମ୍ ଏବଂ ନୱାଜ୍, ଦୁଇ କଳାକାରଙ୍କ ସହିତ କାମ କରିବାକୁ ଏବଂ ତୁମ୍ବାଡ୍ ପରି ସମୃଦ୍ଧ, ରହସ୍ୟମୟ ଏବଂ ଅବିସ୍ମରଣୀୟ କାହାଣୀର ଏକ ଚରିତ୍ରକୁ ଅନୁସନ୍ଧାନ କରିବାକୁ ଅପେକ୍ଷା କରିଛି। ଆମେ ଏକାଠି ଯାହା ସୃଷ୍ଟି କରୁଛୁ ତାହା ଦର୍ଶକଙ୍କୁ ଅନୁଭବ କରିବା ପାଇଁ ମୁଁ ଅପେକ୍ଷା କରିପାରୁନାହିଁ।' ତୁମ୍ବାଡ୍ ବ୍ରହ୍ମାଣ୍ଡକୁ ବିସ୍ତାର କରିବାକୁ ଫେରିଥିବା ଅଭିନେତା-ପ୍ରଯୋଜକ ସୋହମ୍ ଶାହ, ଆଲିଆଙ୍କୁ ପ୍ରୋଜେକ୍ଟରେ ସ୍ୱାଗତ କରିଛନ୍ତି। ସେ ଦୃଢ଼ତାର ସହିତ କହିଛନ୍ତି, 'ତୁମ୍ବାଡ୍ ୨' ରେ ଆଲିଆ ଭଟ୍ଟଙ୍କୁ ସାମିଲ କରିବା ଆମ ସମସ୍ତଙ୍କ ପାଇଁ ପ୍ରକୃତରେ ଆନନ୍ଦଦାୟକ। ସେ ନିସନ୍ଦେହରେ ଏହି ପିଢ଼ିର ସବୁଠାରୁ ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ଏବଂ ମୁଁ ନିଶ୍ଚିତ ଯେ ଦର୍ଶକମାନେ ତାଙ୍କ ସହିତ ଫିଲ୍ମରେ କିଛି ଅନନ୍ୟ ଦେଖିବାର ସୁଯୋଗ ପାଇବେ।'

## ଶିକ୍ଷା,ସଂସ୍କୃତି ଓ ସେବାର ସଫଳ ମଣିଷ ସୂର୍ଯ୍ୟକାନ୍ତ ମହାନ୍ତି




ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ସେବାର ଜଣେ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ସୂର୍ଯ୍ୟକାନ୍ତ ମହାନ୍ତି। ତାଙ୍କୁ ମୁନା ମହାନ୍ତି ଭାବରେ ସମସ୍ତେ ଜାଣନ୍ତି। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇପୁର ଗ୍ରାମରେ ସେ ୧୯୭୭ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ୍ ସହିତ ଡିପ୍ଲୋମା। ପିତା ଗଙ୍ଗାଧର ମହାନ୍ତି ଓ ମାତା ସ୍ନେହଲତା ମହାନ୍ତି। ତାଙ୍କର ଧର୍ମପତ୍ନୀ ନିବେଦିତା ମହାନ୍ତି, ପୁତ୍ର ଅଂଶୁମାନ ମହାନ୍ତି ଓ କନ୍ୟା ଆଦ୍ୟାଶା ମହାନ୍ତି ଙ୍କୁ ନେଇ ତାଙ୍କର ସୁଖ ଦୁଃଖର ସଂସାର ରଥ ଆଗେଇ ଚାଲିଛି। ବର୍ତ୍ତମାନ ସୂର୍ଯ୍ୟକାନ୍ତ ମହାନ୍ତି ବିଦେଇପୁର୍ ଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚେୟାରମେନ ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଅନେକ ଶ୍ରମ ଦେଇ ଓ କଷ୍ଟ କରି ସେ ଏହି ସୁନ୍ଦର ଶିକ୍ଷାନୁଷ୍ଠାନ ନିର୍ମାଣ କରିଛନ୍ତି। ଶହ ଶହ ଛାତ୍ର ଛାତ୍ରୀ ମାନେ ଏଠାରେ ଖୁବ୍ ସୁନ୍ଦର ପାଠ ପଢୁଛନ୍ତି। ଏହି ସ୍କୁଲରେ ଯେଉଁ ଶିକ୍ଷକ ଶିକ୍ଷୟତ୍ରୀ ବନ୍ଧୁ ପାଠ ପଢ଼ାଉଛନ୍ତି ସେମାନେ ହେଲେ ପ୍ରିନ୍ସିପାଲ୍ ସୁବାସ ଚନ୍ଦ୍ର ମହାନ୍ତି, ଅକ୍ଷୟ ମଲ୍ଲିକ, ଭରତ ଚନ୍ଦ୍ର ନାୟକ,ମଧୁସୂଦନ ଦଳେଇ, ବିପଦ ଭଞ୍ଜନ ମିଶ୍ର,ସୁପ୍ରଭା ନାୟକ, ରଶ୍ମି ରେଖା ମାନ୍ନା,ସୀମାରେଖା ଦାସ,ଶ୍ରଦ୍ଧାଞ୍ଜଳି ବେହେରା, ଅରୁଣିମା ମହାନ୍ତି,ମୋନାଲିସା ମହାନ୍ତି, ପ୍ରୀତି ମୟୀ ବଳ, ଏଲିନା ମଲ୍ଲିକ, ପ୍ରୀତି ନନ୍ଦା ମହାଳିକ ଓ ମନୋରମା ମହାନ୍ତି । ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ଏହି ସେଣ୍ଟ ଜାଭିୟର୍ସ ହାଇସ୍କୁଲ। ସୂର୍ଯ୍ୟକାନ୍ତ ମହାନ୍ତି ଯେତେବେଳେ ହାଇସ୍କୁଲରେ ପାଠ ପଢୁଥିଲେ ସେତେବେଳେ ତାଙ୍କର ପ୍ରିୟ ଆଦର୍ଶ ଶିକ୍ଷକ ଥିଲେ ପଣ୍ଡିତ ପ୍ରଶାନ୍ତ କାଠ, ଅଭିମନ୍ୟୁ ବେହେରା,ବିମଳ କୁମାର ରାୟ, ସୁଧାଂଶୁ ଶେଖର ମିଶ୍ର, ଶତ୍ରୁଘ୍ନ ମହାଳିକ, ଦୁଃଶାସନ ରାଉତ, ରାଧାକୃଷ୍ଣ ପଲାଇ ଶ୍ରୀକାନ୍ତ ପାଢ଼ୀ। ନରେନ୍ଦ୍ର ପ୍ରସାଦ ହାଇସ୍କୁଲ ବିଦେଇ ପୁର ଓ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ବାସୁଦେବପୁର ରେ ଶ୍ରୀ ମହାନ୍ତି ପାଠ ପଢ଼ିଛନ୍ତି। ଗଙ୍ଗାଧର ମେମୋରିଆଲ ଏଜୁକେସନାଲ୍ ଟ୍ରଷ୍ଟ ମାଧ୍ୟମରେ ଏହି ସ୍କୁଲ ବର୍ତ୍ତମାନ ଆଗେଇ ଚାଲିଛି। ଦୀର୍ଘ ଦଶ ବର୍ଷ ଧରି ଯେଉଁ ସ୍କୁଲ କଥା ସୂର୍ଯ୍ୟକାନ୍ତ ସବୁବେଳେ ଚିନ୍ତା କରୁଥିଲେ ସେହି ସ୍ୱପ୍ନ ଆଜି ତାଙ୍କର ସାର୍ଥକ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି ଯେଉଁ ନାଟକରେ ଅଭିନୟ କରିଛନ୍ତି ସେଥିରେ ରହିଛି ଚଣ୍ଡାଶୋକ, ଆସୁଛି ସବାରି ହସୁଛି ଶବ ଓ ଅନ୍ୟାନ୍ୟ ନାଟକ। ଶ୍ରୀ ମହାନ୍ତି ଖୁବ୍ ସୁନ୍ଦର ଫୁଟବଲ୍ ଖେଳାଳି ଏବଂ ସେ ଭଲ ଖେଳନ୍ତି। ଗାଁ ଗହଳିର ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ସେ ଏହି ସ୍କୁଲ୍ ପ୍ରତିଷ୍ଠା କରିଛନ୍ତି। ଏହି ସ୍କୁଲରେ ବର୍ତ୍ତମାନ ପାଠ ପଢା ସହିତ କମ୍ପ୍ୟୁଟର ପାଠ, ବିଜ୍ଞାନ ପାଠ, ଖେଳ, ତାଇକଣ୍ଡୋ, ନୃତ୍ୟ, ସଙ୍ଗୀତ,ଯୋଗ ଓ ମ୍ୟୁଜିକ ବ୍ୟାୟାମ ଶିକ୍ଷା ଦିଆ ଯାଉଛି। ଶ୍ରୀ ମହାନ୍ତି ଅତୀତରେ ରାଜନୀତି କରୁଥିଲେ, ବର୍ତ୍ତମାନ ସେ ଶିକ୍ଷା, ସମାଜସେବା, ସାହିତ୍ୟ ଓ କଳା ସଂସ୍କୃତିକୁ ଭଲ ପାଇ ସମାଜକୁ ନୂତନ ଦିଗଦର୍ଶନ ଦେଉଛନ୍ତି। ଶ୍ରୀ ମହାନ୍ତିଙ୍କ ପ୍ରିୟ ଭାରତୀୟ ହେଉଛନ୍ତି ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ସ୍ୱାମୀ ବିବେକାନନ୍ଦ, ଝାନ୍ସୀରାଣୀ ଲକ୍ଷ୍ମୀ ବାଈ ପ୍ରଭୃତି। ଅନେକ ସମୟରେ ଶ୍ରୀ ମହାନ୍ତି ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ କାର୍ଯ୍ୟ କରିଥାନ୍ତି। ବର୍ତ୍ତମାନ ଶିକ୍ଷାର ମାନ ସମ୍ପର୍କରେ ସେ କୁହନ୍ତି ବର୍ତ୍ତମାନ ଶିକ୍ଷାର ମାନ ଗୁଣାତ୍ମକ ଭାବେ ବୃଦ୍ଧି ପାଇଛି। ଆଗାମୀ ଭବିଷ୍ୟତର ଯୁବ ପୀଢ଼ି ମାନଙ୍କୁ ସେ ବାର୍ତ୍ତା ଦିଅନ୍ତି ସମସ୍ତଙ୍କ ଠାରେ ଶାନ୍ତି ଶୃଙ୍ଖଳା,ମଣିଷପଣିଆ,ମାନବିକତା ଓ ମୌଳିକତା ରହିବା ଆବଶ୍ୟକ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# କେନ୍ଦୁଝରର ଜିଲ୍ଲା ଦିଶା ବୈଠକ: ସାଂସଦ ଅନନ୍ତ ନାୟକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା

କେନ୍ଦୁଝର, ୧୬/୦୭ (ନି.ପ୍ର): ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ରେ ଅନୁଷ୍ଠିତ ହୋଇଯାଇଛି। ଦିଶା କମିଟିର ଅଧ୍ୟକ୍ଷ ତଥା ସାଂସଦ କେନ୍ଦୁଝର ଶ୍ରୀ ଅନନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କେନ୍ଦ୍ରୀୟ ଓ ବିକାଶମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝର ଜିଲ୍ଲାରେ ଗ୍ରାମୀଣ ବିକାଶ, ମନେରେଗା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଓ ଡିଜିଟାଲ୍ ସେବା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଏବଂ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ପ୍ରକଳ୍ପ, କାର୍ଯ୍ୟାନୁୟାନ ସମୀକ୍ଷା ଆଲୋଚନା କରାଯାଇଥିଲା। ବିକଶିତ ଭାରତ ଗ୍ୟାରେଂଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ଜିଲ୍ଲା ପାଇଁ ଧାର୍ଯ୍ୟ ହୋଇଥିବା ଶ୍ରମ ଦିବସ ଲକ୍ଷ୍ୟ ହାସଲ ଦିଗରେ ଦ୍ରୁତ କାର୍ଯ୍ୟ ଜାରି ରହିଛି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ମଞ୍ଜୁରପ୍ରାପ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏବଂ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପ ଏବେ ଶେଷ ପର୍ଯ୍ୟାୟରେ ପହଂଚିଛି। ଚାଷୀମାନଙ୍କର ଆର୍ଥିକ ଉନ୍ନତି ଓ ସହାୟତା ପାଇଁ ଜିଲ୍ଲାରେ ସଏଲ୍ ହେଲ୍ଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଆତ୍ମା, ପ୍ରଧାନମନ୍ତ୍ରୀ କିସାନ ଏବଂ ଇ-ନାମ୍ ଭଳି କୃଷିଭିତିକ ଯୋଜନାର ସଫଳ ରୂପାୟନ କରାଯାଉଛି। ଫସଲ ବୀମା ଓ ପ୍ରଧାନମନ୍ତ୍ରୀ କିସାନ ଯୋଜନା ମାଧ୍ୟମରେ ଜିଲ୍ଲାର ବହୁସଂଖ୍ୟକ ଚାଷୀ ସିଧାସଳଖ ଉପକୃତ ହୋଇପାରିଛନ୍ତି। ଗ୍ରାମ ପଂଚାୟତ ଉନ୍ନୟନ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଏବଂ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗ୍ରାମୀଣ ଭିତିଭୂମି ଓ ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। 'ଜଳ ଜୀବନ ମିଶନ' ମାଧ୍ୟମରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସହରାଂଚଳରେ ଜଳ ଯୋଗାଣ ଏବଂ ଜଳର ପୁନଃଚକ୍ରଣକୁ ବ୍ୟବସ୍ଥିତ କରିବା ପାଇଁ 'ଅମୃତ ୨.୦' ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଏବଂ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ମାଧ୍ୟମରେ ସହରୀ ଗରିବ ଏବଂ ଉଠାଦୋକାନୀ ମାନଙ୍କୁ ଗୃହ ଓ ସହଜ ଋଣ ସହାୟତା ପ୍ରଦାନ କରାଯାଉଛି। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ଶ୍ରେଣୀଗୃହ ଏବଂ ବାଳିକା ଶୌଚାଳୟ ଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ କାର୍ଯ୍ୟକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଜିଲ୍ଲାର ସମସ୍ତ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇଛି। ଏହାସହ 'ଡିଜିଟାଲ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତରେ ଜନସେବା କେନ୍ଦ୍ର ଗୁଡ଼ିକ ସଫଳତାର ସହ ଲୋକଙ୍କୁ ଡିଜିଟାଲ୍ ସେବା ଯୋଗାଇ ଦେଉଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ଏବଂ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନିକ ସ୍ତରରେ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡିଏମଏଫ ରୀନା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗାଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ସୁକାନ୍ତ ମାଝୀଙ୍କ ସମେତ ସମସ୍ତ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ସରପଂଚ, ଦିଶା କମିଟିର ସଦସ୍ୟ ଏବଂ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ଼ର ୬ଷ୍ଠ ଚାର୍ଟର ଡେ ପାଳନ ଓ ନୂତନ କାର୍ଯ୍ୟକାରିଣୀ କମିଟିର ଦାୟିତ୍ୱ ଗ୍ରହଣ ଉତ୍ସବ

ଜୟପୁର, ୧୬/୦୭ (ନି.ପ୍ର): ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ ପକ୍ଷରୁ ଜୟପୁରସ୍ଥିତ ଜେସିଏନ୍ କମ୍ପର୍ଟସ୍ ଫଙ୍କସନ୍ ହଲ୍ରେ କ୍ଲବର ୬ଷ୍ଠ ଚାର୍ଟର ଡେ ପାଳନ ସହିତ ୨୦୨୬-୨୭ ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ କମିଟିର ଦାୟିତ୍ୱ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରିଆନ୍ ସୁରେଶ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଜୟପୁର ତହସିଲଦାର ଶ୍ରୀ ସବ୍ୟସାଚୀ ଜେନା (ଓଏଏସ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଖ୍ୟାତ ଭଜନ ଗାୟକ କିଶୋର ଚୌଧୁରୀଙ୍କ ଦ୍ୱାରା ପରିବେଷିତ ଶ୍ରୀଜଗନ୍ନାଥ ଭଜନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ସହକାରୀ ଗଭର୍ଣ୍ଣର ରୋଟାରିଆନ୍ ସନ୍ଦୀପ ଜାଣ୍ଡ, ନବନିର୍ବାଚିତ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡା, ନବନିର୍ବାଚିତ ସମ୍ପାଦକ ରୋଟାରିଆନ୍ ନରେଶ ମହାକୁଲ ଏବଂ ୨୦୨୫-୨୬ ବର୍ଷର ସମ୍ପାଦକ ରୋଟାରିଆନ୍ ରବି ନନ୍ଦ ଉପସ୍ଥିତ ଥିଲେ ଏହି ଅବସରରେ ରୋଟାରୀ ବର୍ଷ ୨୦୨୫-୨୬ରେ କ୍ଲବର ସଭାପତିଙ୍କୁ ଉଲ୍ଲେଖନୀୟ ସହଯୋଗ ଓ ସହାୟତା ପ୍ରଦାନ କରିଥିବାରୁ ରୋଟାରିଆନ୍ ଜି. ଭି. ରାଓଙ୍କୁ 'ଶ୍ରେଷ୍ଠ ରୋଟାରିଆନ୍' ଭାବେ ଘୋଷଣା କରାଯାଇ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କ ଗହଣରେ ବିଦାୟୀ ସଭାପତି ନୂତନ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ରୋଟାରିଆନ୍ ନରେଶ ମହାକୁଲ ନୂତନ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା। ନବନିର୍ବାଚିତ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡା ତାଙ୍କ ଅଭିଭାଷଣରେ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସେବା କ୍ଷେତ୍ରରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା ସହିତ ସମାଜ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ଭଳି ଏକ ସ୍ଥାୟୀ ସାମାଜିକ ପ୍ରକଳ୍ପ ଆରମ୍ଭ କରିବାକୁ ପ୍ରତିଶ୍ରୁତି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ ଜୟପୁର ଏବଂ ରୋଟାରୀ କ୍ଲବ ଅଫ୍ ମାଲକାନଗିରିର ବହୁ ରୋଟାରିଆନ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ୍ ଜି. ଭି. ରାଓ ଓ ରୋଟାରିଆନ୍ ବର୍ଷା ବର୍ଣ୍ଣାଳୀ ସୁନ୍ଦର ଭାବେ ପରିଚାଳନା କରିଥିଲେ। ଏହି ଅବସରରେ କ୍ଲବର ପ୍ରତିଷ୍ଠାତା ସଭାପତି ରୋଟାରିଆନ୍ ପ୍ରକାଶ ନାୟକ ଓ ପ୍ରତିଷ୍ଠାତା ସମ୍ପାଦକ ରୋଟାରିଆନ୍ ରାମହରି ପଣ୍ଡାଙ୍କ ଉପସ୍ଥିତିରେ କ୍ଲବର ୬ଷ୍ଠ ଚାର୍ଟର ଡେ ମଧ୍ୟ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ବିନୋଦିନୀ ସାନ୍ତାପାତ୍ର, ଶ୍ରୀ ମାଧବ ରଥ ଏବଂ ଶ୍ରୀ ଶ୍ରୀକାନ୍ତ ପାଢ଼ୀଙ୍କୁ ରୋଟାରୀ କ୍ଲବର ନୂତନ ସଦସ୍ୟ ଭାବେ ସଦସ୍ୟତା ପ୍ରଦାନ କରାଯାଇଥିଲା।

# ମାଲକାନଗିରି ସରକାରୀ ପଲିଟେକ୍ନିକରେ ପାଳିତ ହେଲା ବିଶ୍ୱ ଯୁବ କୌଶଳ ଦିବସ

ମାଲକାନଗିରି, ୧୬/୦୭ (ନି.ପ୍ର): ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ପୁସ୍ତକଗତ ବିଦ୍ୟା ନୁହେଁ, ବରଂ ବାସ୍ତବିକ ଦକ୍ଷତା ବା ସ୍କିଲ୍ ହିଁ ଜୀବନରେ ସଫଳତାର ପ୍ରକୃତ ମୂଳଦୁଆ, ହୁନର ବା 'ସ୍କିଲ୍' ହିଁ ଜଣେ ଯୁବକକୁ ପ୍ରକୃତ ଆତ୍ମନିର୍ଭରଶୀଳ କରିଥାଏ। ଏହି ଆଧୁନିକ ଚିନ୍ତାଧାରାକୁ ନେଇ ମାଲକାନଗିରି ସରକାରୀ ପଲିଟେକ୍ନିକ ପରିସରରେ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି ବିଶ୍ୱ ଯୁବ କୌଶଳ ଦିବସ। ଅନୁଷ୍ଠାନର ଅଧ୍ୟକ୍ଷା ଶର୍ମିଳା ଶବରଙ୍କ ସୂଚାରୁ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବ ଯୁବ ଛାତ୍ରଛାତ୍ରୀଙ୍କ ମନରେ ଏକ ନୂଆ ଉନ୍ମାଦନା ଭରିଦେଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଜ୍ଞାନ ଓ ଅନୁଭୂତିର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରୀତି ରଞ୍ଜନ ପ୍ରିୟଦର୍ଶୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବାସ୍ତବିକ ଦକ୍ଷତା ହାସଲ କରିବା ପାଇଁ ଅନୁପ୍ରାଣିତ କରିଥିଲେ। ତାଙ୍କ ସହ ମୁଖ୍ୟ ବକ୍ତା ଭାବେ ମାଲକାନଗିରି ଡିଗ୍ରୀ କଲେଜର ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ୟୁନିଅନ ବ୍ୟାଙ୍କର ସିନିୟର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ଧର୍ମେନ୍ଦ୍ର ସାହୁ ଏବଂ ଜିଲ୍ଲା ଯୁବ ଅଧିକାରୀ ହାନିତ କୁମାର ମଧ୍ୟ ମଞ୍ଚାସୀନ ହୋଇ ଯୁବ ଶକ୍ତିକୁ କିଭଳି ନୂଆ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ସଶକ୍ତ କରାଯାଇପାରିବ, ସେନେଇ ଦିଗ୍ଦର୍ଶନ ଦେଇଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ମୁଖ୍ୟମାନେ ମଧ୍ୟ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ସେକ୍ସନ ଅଫିସର ମାନସ ରଞ୍ଜନ ରାଉତ, ଡକ୍ଟର ଶଶି ଭୂଷଣ ନାୟକ, ମେକାନିକାଲ ବିଭାଗର ମୁଖ୍ୟ ବୀରେନ୍ଦ୍ର କିସାନ, ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ବିଭାଗର ମୁଖ୍ୟା ଶ୍ରୀମତି ଦୀପିକା ସରକାର, ବିଭାସ ମଣ୍ଡଳ, ସୀମାଞ୍ଚଳ ନାୟକ ଶଙ୍କର ରାଓ ଏବଂ ବିଭୂତି ଗମ୍ଭାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିଳ୍ପ ଜଗତର ଆବଶ୍ୟକତା ରହିଥିବା ସୁଯୋଗ ବିଷୟରେ ଆଲୋଚନା କରି ଅତିଥିମାନେ କହିଥିଲେ ଯେ, ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନି ନୂଆ ଟେକ୍ନୋଲୋଜି ଆପଣେଇଲେ ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ଅନ୍ୟମାନଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି କରିପାରିବେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗଦାନ ଏହାକୁ ଏକ ବଡ଼ ସଫଳତା ପ୍ରଦାନ କରିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ମାନଙ୍କ ମତରେ, ଏହି ଆୟୋଜନ ମାଲକାନଗିରିର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌଶଳ ବିକାଶ ପାଇଁ ଏକ ନୂଆ ବିପ୍ଳବର ସୂତ୍ରପାତ କରିଛି।

# ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଛି ରାମ ମନ୍ଦିର ଟ୍ରଷ୍ଟ: କଂଗ୍ରେସ

ଭଦ୍ରକ, ୧୬/୦୭ (ନି.ପ୍ର): କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପ୍ରଭୁ ଶ୍ରୀରାମ। ଦୀର୍ଘ ବର୍ଷର ଦୁର୍ବାର ଆନ୍ଦୋଳନ, ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ବଳିଦାନ ଓ ସେମାନଙ୍କ ଦାନ ଅର୍ଥରେ ଉତରପ୍ରଦେଶ ଅଯୋଧ୍ୟା ଠାରେ ନିର୍ମିତ ହୋଇଛି ପ୍ରଭୁଙ୍କ ମନ୍ଦିର। କିନ୍ତୁ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସରେ ବିଷ ଦେଇ ରାମ ମନ୍ଦିର ଟ୍ରଷ୍ଟ ଶତାଧିକ କୋଟି ଦାନ ଟଙ୍କା ଲୁଟ କରିଛି। ଯାହାକି ଶ୍ରଦ୍ଧାଳୁଙ୍କୁ ଅଶେଷ ଦୁଃଖ ଦେଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତି କହିଛନ୍ତିଯେ; ରାମ ମନ୍ଦିର ଟ୍ରଷ୍ଟ ଗଠନ, ଏହାର ପ୍ରମୁଖଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ଏହି ମନ୍ଦିରକୁ ଦାନ ଦେଇଥିବା ଶ୍ରଦ୍ଧାଳୁଙ୍କ ଅର୍ଥକୁ ଟ୍ରଷ୍ଟର କେତେକ ପ୍ରଭାବଶାଳୀ ସଦସ୍ୟ ଲୁଟ କରିଥିବା ନଜରକୁ ଆସିଛି। ଦୋଷ ଲୁଚାଇବାକୁ ଯାଇ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଏହି ଅଭିଯୋଗର ସତ୍ୟତାକୁ ପ୍ରମାଣିତ କରିଛି। ଏହା ଏକ ଆର୍ଥିକ ଦୁର୍ନୀତି ନୁହେଁ ବରଂ କୋଟି କୋଟି ରାମଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭାବନା ପ୍ରତି ଗୁରୁତର ବିଶ୍ୱାସଘାତକତା। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଦେଶବାସୀଙ୍କୁ ଚକିତ କରିଛି। ଗତ ଜାନୁଆରୀ ୨୦୨୪ରେ ଶ୍ରୀ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୧୧୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ୨୫ ନଭେମ୍ବରରେ ୧୦ କୋଟି ଟଙ୍କା ବ୍ୟୟରେ ପତାକା ଉତୋଳନ ଉତ୍ସବର ଆୟୋଜନ କରାଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ବିଜେପି- ଆରଏସଏସ ପରିସଂସ୍ଥାନ ଭଗବାନ ରାମଙ୍କ ନାମରେ ମିଳିଥିବା ଦାନକୁ ବି ଛାଡ଼ି ନାହାନ୍ତି। ଯେତେବେଳେ ସମ୍ପୂର୍ଣ୍ଣ ଟ୍ରଷ୍ଟ କାଠଗଡ଼ାରେ ଛିଡ଼ା ହୋଇଛି, କାର୍ଯ୍ୟାନୁଷ୍ଠାନ କେବଳ କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ କାହିଁକି ସୀମିତ ରହିଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଟ୍ରଷ୍ଟ ଗଠନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା, ଚମ୍ପତ ରାୟ, ଅନିଲ ମିଶ୍ର ଓ ଦୁର୍ନୀତିରେ ସଂପୃକ୍ତ ଅନ୍ୟ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା, ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ଏବେରେ ଟ୍ରଷ୍ଟକୁ ଭଙ୍ଗ କରିବା, ରାମ ମନ୍ଦିର ସହ ଜଡ଼ିତ ସମସ୍ତ ଦାନ, ଭେଟି, ଜମି କାରବାର କାର୍ଯ୍ୟକ୍ରମ ଓ ବ୍ୟୟର ସ୍ୱାଧୀନ ଫୋରେନସିକ ଅଡିଟ କରାଯାଇ ଏହାକୁ ସାର୍ବଜନୀନନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇ ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ନ୍ୟାୟର ପରିରଭୁକ୍ତ କରିବାକୁ ସେ ଦାବି କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ବିଧାୟକ ପଂଚାନନ ମଣ୍ଡଳ, ଦେବରୂପ ମହାନ୍ତି, ରାଜ୍ୟ ଏସସି ସେଲ ସାଧାରଣ ସଂପାଦକ ରାଜେନ୍ଦ୍ର ପ୍ରସାଦ ଯେନା, ମହିଳା ସଭାପତି ଅମିତା ବାଳା ଆଚାର୍ଯ୍ୟ, ଅବଦୁଲ ମୋକିତ ଖାନ, ଯୁବ ସଭାପତି ବଳରାମ ରାଉତ, ପିତବାସ ଧଳ, ଓ୍ୱଭାଶିଷ ମଲ୍ଲିକ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ରଂଜନ ଯେନା, ଇଲ୍ଲିୟାସ ଅଲି ଖାନ, ଏନାମୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ସମ୍ପର୍କୀୟ ଶଳା-ଭିଣୋଇଙ୍କ ମୃତ୍ୟୁ

ଝାରସୁଗୁଡା, ୧୬/୦୭ (ନି.ପ୍ର): ଝାରସୁଗୁଡା ଜିଲ୍ଲା ବଡ଼ମାଳ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ନିକଟରେ ବୁଧବାର ସକାଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସମ୍ପର୍କୀୟ ଶଳା ଓ ଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଲେ ଭୁର୍କାମୁଣ୍ଡା ଗ୍ରାମର ଅନିଲ ରୋହିଦାସ (୧୪) ଓ ତରଣୀ ରୋହିଦାସ (୩୯)। ସୂଚନା ଅନୁସାରେ, ତରଣୀ ଓ ଅନିଲ କୌଣସି କାମ ସାରି ବଡ଼ମାଳରୁ ନିଜ ଗ୍ରାମ ଭୁର୍କାମୁଣ୍ଡାକୁ ବାଇକ୍ରେ ଫେରୁଥିବା ବେଳେ ସମ୍ବଲପୁରରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ବଡ଼ମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେହିପରି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କୋଇଲା ବୋଝେଇ ଟ୍ରକ୍କୁ ଜବତ କରାଯାଇଛି। ତେବେ ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ମୃତକଙ୍କ ପରିବାରକୁ ରେଡ୍କ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛନ୍ତି। ଏହି ଘଟଣାରେ ବଡ଼ମାଳ ପୁଲିସ ୨୬୧/୨୦୨୬ ନମ୍ବରରେ ମାମଲା ରୁଜୁ କରି ଫେରାର ଟ୍ରକ୍ ଚାଳକଙ୍କ ସନ୍ଧାନ ସହ ଘଟଣାର ତଦନ୍ତ ଜାରି ରଖିଛି।

# ରାମମନ୍ଦିର ଚାନ୍ଦା ହେରଫେର ଅଭିଯୋଗ: ଆସ୍ଥା ନାମରେ ରାଜନୀତି ଓ ଲୁଟକୁ ନେଇ ବର୍ଷିଲା କଂଗ୍ରେସ

କେନ୍ଦୁଝର, ୧୬/୦୭ (ନି.ପ୍ର): ରାମ ମନ୍ଦିର ନିର୍ମାଣ ପାଇଁ ଦେଶର କୋଟି କୋଟି ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ ଦାନ ଓ ଭେଟି ଅର୍ଥର ଅନିୟମିତତାକୁ ନେଇ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶାସକ ବିଜେପି-ଆରଏସଏସ ମଡେଲ ଉପରେ ତୀବ୍ର ଆକ୍ରମଣ କରାଯାଇଛି। ଭଗବାନ ରାମଙ୍କ ନାମରେ ସଂଗ୍ରହ କରାଯାଇଥିବା ଅର୍ଥ ରାଜନୈତିକ ମୁନାଫାଖୋରୀର ଶିକାର ହୋଇଥିବା ନେଇ କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି। ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ଗରିବ ପରିବାର, ଚାଷୀ, ଶ୍ରମିକ ଓ ମହିଳାମାନେ ନିଜର କଷ୍ଟଅର୍ଜିତ ସଂଚୟ ଏବଂ ଅଳଙ୍କାର ରାମ ମନ୍ଦିର ପାଇଁ ଦାନ କରିଥିବା ବେଳେ, ଏହି ଆସ୍ଥା ଓ ବିଶ୍ୱାସ ପ୍ରତି ବଡ଼ ବିଶ୍ୱାସଘାତକତା କରାଯାଇଛି ବୋଲି ଦଳ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ କହିଛନ୍ତି ଯେ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରାଯିବା ହିଁ ପ୍ରମାଣ କରୁଛି ଯେ ଏହି ମାମଲା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏକ ବଡ଼ ଦୁର୍ନୀତିର ଆଡ଼କୁ ଇସାରା କରୁଛି। ଟ୍ରଷ୍ଟର ଅନ୍ୟତମ ବରିଷ୍ଠ ସଦସ୍ୟ ଗୋବିନ୍ଦ ଦେବ ଗିରି ଓ ଗୋପାଳ ରାଓଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବଂ ନୂତନ ସାଧାରଣ ସମ୍ପାଦକ କୃଷ୍ଣମୋହନଙ୍କ ନିଯୁକ୍ତିକୁ ନେଇ ଦଳ ପ୍ରଶ୍ନ ଉଠାଇଛି। ଦୁର୍ନୀତିକୁ ଲୁଚାଇବା ପାଇଁ କେବଳ କନିଷ୍ଠ ଓ ନିମ୍ନ ସ୍ତରର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ଶୀର୍ଷ ସ୍ତରର ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି କଂଗ୍ରେସ କହିଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବର୍ତମାନ ଏହି ମାମଲାରେ ବଡ଼ ବଡ଼ କାର୍ଯ୍ୟକ୍ରମର ଖର୍ଚ୍ଚ ଉପରେ ନଜର ପକାଇଛି।୨୨ ଜାନୁଆରୀ ୨୦୪ ର ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ପ୍ରାୟ ୧୧୩ କୋଟି ଟଙ୍କା ବ୍ୟୟ ହୋଇଥିଲା।୨୫ ନଭେମ୍ବର ର ପତାକା ଉତୋଳନ ଉତ୍ସବରେ ପ୍ରାୟ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହା ସହିତ ନକଲି ରସିଦ, ନଗଦ ଭେଟି ହେରଫେର ଏବଂ ଆକାଉଂଟିଂରେ ଅନିୟମିତତା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। କେବଳ ରାମ ମନ୍ଦିର ନୁହେଁ, ବଦ୍ରିନାଥ ଧାମ ଭଳି ଅନ୍ୟ ପବିତ୍ର ପୀଠରୁ ମଧ୍ୟ ଭେଟି ଲୁଟ୍ ହେଉଥିବା ନେଇ ଦଳ ଚିନ୍ତା ପ୍ରକଟ କରିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପିଏମଓ ର ସକ୍ରିୟ ଭୂମିକାରେ ଗଠିତ ଏହି ଟ୍ରଷ୍ଟର ଦୁର୍ନୀତି ପାଇଁ କିଏ ଦାୟୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ କାହିଁକି ନୀରବ ଅଛନ୍ତି? ଯଦି ସବୁକିଛି ସ୍ୱଚ୍ଛ ଥିଲା, ତେବେ ଇସ୍ତଫା ଦେବାର ଆବଶ୍ୟକତା କାହିଁକି ପଡ଼ିଲା? କଥିତ 'ଡବଲ୍ ଇଞ୍ଜିନ୍ ସରକାର' କଣ ଦୋଷୀମାନଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ସର୍ବୋଚ୍ଚ ସ୍ତରର ବ୍ୟକ୍ତିମାନଙ୍କୁ ଏପର୍ଯ୍ୟନ୍ତ କାହିଁକି ଗିରଫ କରାଯାଇ ନାହିଁ। ଭଗବାନ ରାମ କୌଣସି ରାଜନୈତିକ ଦଳର ନୁହନ୍ତି, ସେ କୋଟି କୋଟି ଭାରତୀୟଙ୍କ ଆସ୍ଥାର ପ୍ରତୀକ। ତାଙ୍କ ନାମରେ ଦାନକୁ ଲୁଟ୍ କରିବା ଦେଶର ଧାର୍ମିକ ଚେତନା ପ୍ରତି ଏକ ଗୁରୁତର ଅପମାନ। ଦୋଷୀମାନଙ୍କୁ କୌଣସି ସୁରକ୍ଷା ନ ଦେଇ ତୁରନ୍ତ ନ୍ୟାୟର ପରିସରଭୁକ୍ତ କରାଯାଉ। ପ୍ରଧାନମନ୍ତ୍ରୀଙ୍କ ସ୍ୱଷ୍ଟୀକରଣ: ଟ୍ରଷ୍ଟ ଗଠନ ଓ ନିଯୁକ୍ତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା କଣ ଥିଲା, ତାହା ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ସ୍ୱଷ୍ଟ କରନ୍ତୁ।ଚମ୍ପତ ରାୟ, ଅନିଲ ମିଶ୍ର ଏବଂ ଏହି ଆର୍ଥିକ ହେରଫେରରେ ସମ୍ପୃକ୍ତ ସମସ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଋଜ ପଞ୍ଜିକୃତ କରାଯାଇ ସେମାନଙ୍କୁ ଗିରଫ କରାଯାଉ। ସମ୍ପୂର୍ଣ୍ଣ ଘଟଣାର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ନ୍ୟାୟିକ ତଦନ୍ତ କରାଯାଉ। ବର୍ତମାନର ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ତୁରନ୍ତ ଭଙ୍ଗ କରାଯାଇ ଧାର୍ମିକ ନେତା, ବିଶିଷ୍ଟ ନାଗରିକ ଏବଂ ପ୍ରଶାସନିକ ବିଶେଷଜ୍ଞମାନଙ୍କୁ ନେଇ ଏହାର ପୁନର୍ଗଠନ କରାଯାଉ। ରାମ ମନ୍ଦିର ସହ ଜଡ଼ିତ ସମସ୍ତ ଦାନ, ଜମି କାରବାର ଓ ବ୍ୟୟର ଏକ ସ୍ୱାଧୀନ ଫୋରେନ୍ସିକ ଅଡିଟ୍ କରାଯାଇ ଏହାର ରିପୋର୍ଟ ସାର୍ବଜନୀନ କରାଯାଉ।

# ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ସୁବର୍ଣ୍ଣପୁର, ୧୬/୦୭ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ଜନ ସଂଖ୍ୟା ଦିବସ ପାଳିତ ହୋଇ ଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶେଷ ଅତିଥିଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା.ଦୁର୍ଗାଦତ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦେବୀ ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ପ୍ରକାଶ ଦନସନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାର ଯକ୍ଷ୍ମାକ୍ଷ ଡା ପଦ୍ମହଂସା ଦୋରା,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ତ୍ରିବିକ୍ରମ ପାଣ୍ଡିଆ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜାତୀୟ ସ୍ୱାସ୍ଥ୍ୟ ମିଶନ ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ, ଅସ୍ଥାୟୀ ଓ ସ୍ଥାୟୀ ପଦ୍ଧତି, ପରିବାର କୁ ଆଣେ ଉନ୍ନତି, ପିଲାଙ୍କ ଜନ୍ମ ରେ ରଖନ୍ତୁ ଉଚିତ ବ୍ୟବଧାନ - ସୁସ୍ଥ ଓ ସୁଖୀ ହେବ ପାରିବାରିକ ଜୀବନ- ଇତ୍ୟାଦି ନିମନ୍ତେ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମ ଜିଲ୍ଲା ଆଜି ରାଜ୍ୟ ସ୍ତରୀୟ ଅନ୍ତରା ଇଞ୍ଜେକ୍ସନ ର କୃତିତ୍ୱ ପାଇଁ ତୃତୀୟ ପୁରସ୍କାର ଅଳଙ୍କୃତ କରି ପାରିଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବା ବେଳେ, କିଶୋର କୁମାର ସାହୁ , ଡି ଏମ ଆର ସି ଏଚ, ଡି ଏ ଏମ୍, ଡି ଦି ଏମ, ଏ ଏମ, ଓଏମ୍ ,ଶୋଭନା ଦାସ, ସାଗରୀକା ଦାସ,ଜିଲ୍ଲା ଅଣ ସଂକ୍ରାମକ ରୋଗ ସଂଯୋଜକ ଆଲୋକ ରଞ୍ଜନ ମିଶ୍ର, କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶା, ମାସ ମେମ୍ବର, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦ ଓ ସମସ୍ତ ମିଡ଼ିଆ ବନ୍ଧୁ ମାନେ ଉପସ୍ଥିତ ଥିଲେ। ଶେଷ ରେ ଜିଲ୍ଲା ଆଶା ସଂଯୋଜକ ତରଣୀସେନ ପ୍ରଧାନ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସମସ୍ତ କର୍ମକର୍ତା ତଦାରଖ କରିଥିଲେ।

# ପିଏମ୍ ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନ: ବସନ୍ତ ଅଧ୍ୟକ୍ଷ, ମମତା ଉପାଧ୍ୟକ୍ଷା

ଭୁବନ, ୧୬/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନର ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ପି ଏମ ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମୁଦାୟ ୧୫ ଜଣ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ବସନ୍ତ କୁମାର ପୋଥାଳ ୧୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଉପାଧ୍ୟକ୍ଷା ଭାବେ ମମତା ସାହୁ ନିର୍ବାଚିତ ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ବେହେରା, ନବ କିଶୋର ପ୍ରଧାନ, ହୃଦାନନ୍ଦ ମଲ୍ଲିକ,ହୃଷିକେଶ ନାୟକ,ହୃଦାନନ୍ଦ ବେହେରା,କୃଷ୍ଣଚନ୍ଦ୍ର ଦାସ,ନମିତା ପୋଥାଳ,ସୁଜାତା ନନ୍ଦୀ,ଲୋପାମୁଦ୍ରା ମହାରଣା,ଅନିତା ଦାସ, ପୁଷ୍ପା ମଲିକ,ତୁଳସୀ ମହାପାତ୍ର ପ୍ରମୁଖ ସଭ୍ୟ/ସଭ୍ୟା ଭାବେ ମନୋନୀତ ହୋଇଥିଲେ। ପର୍ଯ୍ୟବେକ୍ଷକ ଭାବେ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ ଯୋଗଦେଇଥିବା ବେଳେ ଆଶାକର୍ମୀ ସୁମତି ନାୟକ,ଅଙ୍ଗନୱାଡି କର୍ମୀ ବାଣୀଶ୍ରୀ ବେହେରା, ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସ୍ୱାଇଁ ଉପସ୍ଥିତ ଥିଲେ।

# ରାମପୁରରେ ନିଶା ନିବାରଣ ଶୋଭାଯାତ୍ରା

ଭଦ୍ରକ, ୧୬/୦୭ (ନି.ପ୍ର): ଏହି ଜିଲାର ବନ୍ତ ବ୍ଲକ ରାମପୁର ପଂଚାୟତରେ ନିଶାନିବାରଣ ନେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସୁସ୍ଥ ଓ ଆଦର୍ଶ ପଂଚାୟତ ଗଠନ କରିବାକୁ ହେଲେ ଆମ ସମସ୍ତଙ୍କୁ ନିଶା ଠାରୁ ଦୂରେଇ ରହିବା ନେଇ ଯତ୍ନବାନ ହେବାକୁ ସ୍ଥାନୀୟ ସରପଂଚ ଗିରିଧାରୀ ସାହୁ କହିଥିଲେ ସଭାରେ କେନ୍ଦୁଆପଦା ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ଉନ୍ନତିବାଳା ଦାସ, ମିନତି ତିଆଡି, ପ୍ରତାପ ବେହୁରୀଆ, ଲୋପାମୁଦ୍ରା ମହାସଂଘର ସଭାନେତ୍ରୀ ଭାରତୀ ପତି ପ୍ରମୁଖ ଯୋଗଦେଇ ନିଶା ଠାରୁ ଦୂରରେ ରହିବା ଓ ଏହା କେତେଯେ କ୍ଷତି କାରକ ସେ ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ପଂଚାୟତ କାର୍ଯ୍ୟାଳୟ ଠାରୁ ଶତାଧିକ ମହିଳା ପୁରୁଷ ବ୍ୟାନର ଓ ପ୍ଲାକାର୍ଡ ଧରି ସଚେତନତାର ବାର୍ତା ଦେଇ ବାଲୁଅ ଗ୍ରାମ ପରିକ୍ରମା କରିଥିଲେ। ପଂଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ନେଇ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନିଲ କୁମାର ସେଠୀ,ଦୀଲ୍ଲିପ ବିଶ୍ୱାଳ,ସିପୁନ ଭୂୟାଁ ପ୍ରମୁଖ ସହଯୋଗ କରୁଥିଲେ।

# ପ୍ରଜାଶାସନର ପ୍ରଥମ ଘୋଷଯାତ୍ରା ଭାବରେ ମେଣ୍ଢାଖାଇ ରଥଯାତ୍ରାର ରହିଛି ସ୍ୱତନ୍ତ୍ର ପରିଚୟ

ଉଦଳା , ୧୬/୭ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡରେ ଘୋଷଯାତ୍ରା କେବେ ଓ କିପରି ଆରମ୍ଭ ହେଲା ସେ ସମ୍ପର୍କରେ ଖୋଳତାଡ଼ କଲେ ଏହାର ଏକ ସୁନ୍ଦର ଇତିହାସ ଦୃଶ୍ୟମାନ ହୋଇଥାଏ । ସ୍ୱାଧିନତାର ବହୁବର୍ଷ ପୂର୍ବରୁ କପ୍ତିପଦା ଉପଖଣ୍ଡ କଇଁସାରି ରାଜାଙ୍କ ଶାସନାଧିନ ଥିଲା । ସେ ସମୟରେ ରାଜା କଇଁସାରିରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ସହ ରଥଯାତ୍ରା ଆରମ୍ଭ କରିଥିଲେ । ତେଣୁ କଇଁସାରିରେ ଥିବା ଜଗନ୍ନାଥ ମନ୍ଦିର ସମଗ୍ର କପ୍ତିପଦା ଉପଖଣ୍ଡର ପ୍ରଥମ ଓ ସର୍ବପୁରାତନ ଜଗନ୍ନାଥ ମନ୍ଦିର ଭାବରେ ପରିଗଣିତ ହୋଇଥାଏ । ସେହିପରି ଏଠାକାର ରଥଯାତ୍ରା ସମଗ୍ର ଉପଖଣ୍ଡର ପ୍ରଥମ ରଥଯାତ୍ରା ବୋଲି ଜଣାଯାଏ । ଏହା ପ୍ରାୟ ୪୦୦ ବର୍ଷ ତଳର ବୋଲି ଅନୁମାନ କରାଯାଏ । କାଳକ୍ରମେ ରାଜଧାନି କପ୍ତିପଦାକୁ ଉଠିଯିବା ସହ ରାଜା ପୁଣିଥରେ କପ୍ତିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ରଥଯାତ୍ରା ଆରମ୍ଭ କରିଥିଲେ । ତେଣୁ କପ୍ତିପଦାର ରଥଯାତ୍ରା ସମଗ୍ର ଉପଖଣ୍ଡର ଦ୍ୱିତୀୟ ରଥଯାତ୍ରା ବୋଲି ଜଣାଯାଏ । ସ୍ୱାଧିନତା ପରେ ମଧ ଦିର୍ଘ ବର୍ଷ ଧରି ଏହି ଦୁଇଟି ସ୍ଥାନରେ ରଥଯାତ୍ରା ପର୍ବ ଅନୁଷ୍ଠିତ



ହେଉଥିଲା । ପରେ ମେଣ୍ଢାଖାଇ ଗ୍ରାମରେ ରଥଯାତ୍ରା ଆରମ୍ଭ ହେବା ସହ ଆଜିପର୍ଯ୍ୟନ୍ତ ଏଠାରେ ଏହି ପରମ୍ପରା ବଂଚି ରହିଛି । ଚଳିତ ବର୍ଷ ଏହା ୬୬ବର୍ଷରେ ପଦାର୍ପଣ କଲା ବୋଲି କୁହାଯାଉଛି । ଏହି ରଥଯାତ୍ରା କପ୍ତିପଦାରେ ପ୍ରଜା ଶାସନର ପ୍ରଥମ ଘୋଷ ଯାତ୍ରା ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରବିନାରାୟଣ ମହାନ୍ତି ରଥଯାତ୍ରା ପରମ୍ପରା ଏଠାରେ ଆରମ୍ଭ କରିଥିଲେ । ନିଜକୁ ଜଗନ୍ନାଥଙ୍କର ସେବକ ବୋଲି ପରିଚୟ ଦେଇ ସାରାଜୀବନ ବିଗ୍ରହ ସେବାରେ ନିଜକୁ ସମର୍ପଣ କରିଥିଲେ । ଯେଉଁଥିପାଇଁକି ତାଙ୍କର ଥିଲା ଏକ ସ୍ୱତନ୍ତ୍ର ସମ୍ମାନ । ଏହିଭଳି ନିଷ୍ଠାପର ସେବକ ଆଜି ଦେଖିବାକୁ ମିଳୁ ନାହାଁନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ଏବେ କିନ୍ତୁ ଉପଖଣ୍ଡର ବିଭିନ୍ନ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହେବା ସହ ଏହା ଏକ ଗଣପର୍ବର ରୂପ ନେବାକୁ ବସିଲାଣି ।

# ଟ୍ରେନରୁ ଖସି ପଡି ଜୈନିକ ବ୍ୟକ୍ତି ମୃତ

ବସ୍ତା, ୧୬/୭ (ନି.ପ୍ର): କଲିକତାରୁ ସମ୍ବଲପୁର ଅଭିମୁଖେ ଫେରୁଥିବା ଜଣେ ଜୈନିକ ଯୁବକ ଟ୍ରେନରୁ ଖସିପଡି ପ୍ରାଣ ହରାଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ଗତ କାଲି ଟ୍ରେନରେ କଲିକତାରୁ ସମ୍ବଲପୁର ଜିଲ୍ଲା ନିଜ ଘରକୁ ଧନୁପାଲି ଅଞ୍ଚଳର ଏହି ଯୁବକ ସର୍ବରଞ୍ଜନ ତ୍ରିପାଠୀ(୪୮) ହଣ୍ଡାଇ କମ୍ପାନୀର ଟ୍ରେନିଂ ସାରି ଟ୍ରେନ ଯୋଗେ କଲିକତାରୁ ସମ୍ବଲପୁରକୁ ସାଲିମାର ସମ୍ବଲପୁର ଏକ୍ସପ୍ରେସରେ ଫେରୁ ଥିବା ସମୟରେ ଅମର୍ଦାରୋଡ ଷ୍ଟସନରୁ ୨ କିମି ଦୂରରେ ତଥା ଖଣ୍ଡପସା ଗେଟ ଅନତି ଦୂରରେ ଟ୍ରେନରୁ ତଳକୁ ପଡ଼ି ମୃତ୍ୟୁ ବରଣ କରିଥିବା ଦେଖିଥିଲେ। ଗୁରୁବାର ସକାଳେ ମୃତ୍ୟୁ ବରଣ କରିଥିବା ଦେଖିଲା ପରେ ଷ୍ଟେସନକୁ ଖବର ଦେଇଥିଲେ ସ୍ଥାନୀୟ ଗ୍ରାମବାସୀ। ଖବର ପାଇ ରେଳବାଇ ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ମୃତ୍ୟୁ ଶରୀର କୁ ଜବତ କରିଥିଲେ। ଷ୍ଟେସନ ଖବର ଦେବା ପରେ ସ୍ଥାନୀୟ ଲୋକେ ତାଙ୍କ ମୋବାଇଲ ପଡ଼ିଥିବା ଦେଖି ତାଙ୍କ ସମ୍ପର୍କୀୟ ଲୋକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ପରେ ଜାଣିବାକୁ ପାଇଥିଲେ ସମ୍ବଲପୁର ଜିଲ୍ଲା ଧନୁପାଲି ଅଞ୍ଚଳର ସର୍ବରଞ୍ଜନ ତ୍ରିପାଠୀ ବୋଲି ଜାଣିବାକୁ ପାଇଥିଲେ। ତାଙ୍କ ପରିବାର ଲୋକଙ୍କ ସହିତ ଆମ ପ୍ରତିନିଧି ଫୋନ ଯୋଗେ ଯୋଗାଯୋଗ କରିବା ପରେ ଜାଣିବାକୁ ପାଇଥିଲେ ତାଙ୍କର ୨ ଟି ସନ୍ତାନ ଓ ଧନୁପାଲି ଅଞ୍ଚଳର ବୋଲି। ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କର ମୃତଦେହକୁ ବ୍ୟବଛେଦ ସହ ତାଙ୍କ ଘରଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ପ୍ରବଳ ବର୍ଷା ସତ୍ତ୍ୱେ ବୈଶିଙ୍ଗା ରଥଯାତ୍ରାରେ ପ୍ରବଳ ଭକ୍ତଙ୍କ ସମାଗମ

ବୈଶିଙ୍ଗା , ୧୬/୭ (ନି.ପ୍ର): ସାରା ରାଜ୍ୟରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ସତ୍ତ୍ୱେ ପବିତ୍ର ରଥଯାତ୍ରା ରେ ବହୁ ଭକ୍ତ ସମାଗମ ଦେଖିବାକୁ ମିଳିଛି । ଖୁଣ୍ଟାପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ସକାଳ ଠାରୁ ଭକ୍ତମାନଙ୍କର ସମାଗମ ଲାଗି ରହିବା ସହିତ ପୂଜାର୍ଚ୍ଚନା କରୁଥିବାର ଦେଖାଯାଇଥିଲା । ଦିନ ତମାମ ବର୍ଷା ଲାଗି ରହିଥିଲେ ମଧ ଅପରାହ୍ନରେ ସୁଶୋଭିତ ରଥ ଉପରକୁ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନିଆଯାଇଥିଲା । ସଂକୀର୍ତ୍ତନ ଦଳ ଭଜନ କୀର୍ତ୍ତନ କରି ରଥ କୁ ମାଉସୀ



ଘରକୁ ନିଆଯାଇଥିଲା । ସେହିପରି ବୈଶିଙ୍ଗା ଉପକଣ୍ଠ ମହୁରୀ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଟାଣି ଟାଣି ବୈଶିଙ୍ଗା ବଜାର ପରିକ୍ରମା କରି ମହୁରୀ ଛକ ସ୍ଥିତ ମାଉସୀ ମାଆ ମନ୍ଦିର ନିକଟକୁ ନିଆ ଯାଇଥିଲା ।କେନ୍ଦୁଆ ପଞ୍ଚାୟତର ପଦ୍ମପୁର ସ୍ଥିତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ଆକର୍ଷଣୀୟ ହୋଇଥିଲା ।ଘନ ଘନ ବର୍ଷା ସତ୍ତ୍ୱେ ପ୍ରବଳ ବର୍ଷାରେ ଭିଜି ଭିଜି ଭକ୍ତ ମାନେ ଉଦଣ୍ଡ ନୃତ୍ୟରେ ନାଚି ନାଚି ରଥାରୁଢ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଟାଣି ଟାଣି ବୈଶିଙ୍ଗା ବଜାର ପରିକ୍ରମା କରି ଥାନା ନିକଟରୁ ଫେରି ମାଉସୀ ମାଆ ମନ୍ଦିର କୁ ନେଇଯାଇଥିବାର ଦେଖିବାକୁ ମିଳିଥିଲା । ରଥ ଉପରୁ ଭକ୍ତଙ୍କ ଉପରକୁ ଲଡୁ ଓ ଚକୋଲେଟ ଫିଙ୍ଗା ଯାଇଥିଲା । ଏଥି ସହିତ ରଥ ଉପରୁ ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଧାରା ବିବରଣୀ ଅତି ସୁନ୍ଦର ଶୃତି ମଧୁର ହୋଇଥିଲା । ସେହି ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ସ୍ଥିତ କାନ୍ଥି ଶ୍ରୀ ଚୈତନ୍ୟ ମଠ ରେ ଦେବୋତ୍ତର ବିଭାଗ ତରଫରୁ ରଥଯାତ୍ରା ପାଳିତ ହୋଇଥିବାର ଜଣାଯାଇଛି ।

# ବେତନଟୀ ରଥଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ

ବେତନଟୀ, ୧୬/୭ (ନି.ପ୍ର): ବେତନଟୀର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦ୍ୱିତୀୟବାର୍ଷିକ ରଥଯାତ୍ରା ଗୁରୁବାର ଆରମ୍ଭ କରାଯାଇଥିବା ବେଳେ ଅପରାହ୍ନ ସାଢେ ପାଞ୍ଚଟା ସୁଦ୍ଧା ପୁରୁଣାକୋର୍ଟଛକ ଅତିକ୍ରମ କରିଛି । ସୂଚନା ମୁତାବକ ଗୁରୁବାର ଅପରାହ୍ନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡିକରି ରଥାରୂଢ଼ କରିବା ପରେ ମୟୁରଭଞ୍ଜ ମହାରାଜାଙ୍କ ଦ୍ୱାରା ଛେରା ପହଁରା କରାଯାଇଥିଲା । ଏହାପରେ ରଥଟଣା ଆରମ୍ଭ କରାଯାଇଥିବା ବେଳେ ବେତନଟୀ -ବଡ଼ସାହି ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ଜୟଶ୍ରୀରାମ ସେନା, ଆମ ଗାଁ ଖଟି ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ



ପକ୍ଷରୁ ଜଳଛତ୍ର ଖୋଲାଯାଇ ମୃଦୁପାନୀୟ ଯୋଗାଇ ଦିଆଯାଇଥିଲା । ଭିଡ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ କଟକଣା ସାଙ୍ଗକୁ ବ୍ୟାପକ ସୁରକ୍ଷା ଦୃଷ୍ଟିରୁ ବେତନଟୀ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ରଥଟଣାକୁ ଦୃଷ୍ଟିରେ ରଖି ବେତନଟୀ କାଳୀକାଛକ, ହାଟଛକ, ପୁରୁଣା କୋର୍ଟଛକ ମାନଙ୍କରେ ପର୍ଯ୍ୟାୟକ୍ରମେ ଯାନବାହନ ଚଳାଚଳକୁ ବନ୍ଦ ରଖାଯାଇଥିଲା । ରଥଟଣାକୁ ସଫଳ ଏବଂ ଶୃଙ୍ଖଳିତ କରିବାକୁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରା ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା ।

# ଜଗନ୍ନାଥ ପ୍ରସାଦରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୧୬/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଞ୍ଚାୟତରେ ମହା ସମାରୋହରେ ପବିତ୍ର ରଥଯାତ୍ରା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଶ୍ରୀ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଠାକୁରଙ୍କୁ ପୂଜା ପାଠ କରି ରଥ ଉପରକୁ ଚଢ଼ା ଯାଇଥିଲା ଓ ରଥକୁ ହଜାର ହଜାର ଭକ୍ତ ମାନେ ମାଉସୀ ମାଆ ମନ୍ଦିର ଅଭିମୁଖେ ଟାଣି ନେଇଥିଲେ।। ଏହି ରଥଯାତ୍ରା ଉତ୍ସବର ମୁଖ୍ୟ ଆୟୋଜକ ତଥା ଜଗନ୍ନାଥ ପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ, ବିଶିଷ୍ଟ ରାଜନେତା ଓ ସମାଜସେବୀ



ଭାଗୀରଥି ବଳ ରାଜା ବେଶରେ ସଜ୍ଜିତ ହୋଇଥିଲେ ଓ ଠାକୁରଙ୍କ ଛେରା ପହଁରା କରିଥିଲେ। ଏହି ଉତ୍ସବରେ ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରିଥିଲେ ଓ ଭକ୍ତ ମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା। ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ଏହି ପବିତ୍ର ରଥଯାତ୍ରା ଉତ୍ସବରେ ଯୋଗ ଦେଇଥିଲେ। ବହୁ ସଂଖ୍ୟାରେ ପୁରୁଷ, ମହିଳା ଜନ ସାଧାରଣ ଏହି ଉତ୍ସବରେ ଯୋଗ ଦେବା ସହିତ ରଥ ଟାଣିଥିଲେ। ଏହି ଉତ୍ସବରେ ସମାଜସେବୀ ତଥା ବାସୁଦେବପୁର ଦୁର୍ଗା ଜୁଏଲାରୀ ର ନିର୍ଦ୍ଦେଶକ ଶତ୍ରୁଘ୍ନ ବଳ, ବିଶିଷ୍ଟ ନାରୀ ନେତ୍ରୀ ମଞ୍ଜୁଲତା ବଳ,ହରେକୃଷ୍ଣ ଦତ୍ତ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ତଥା ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଭାଗୀରଥୀ ବଳ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ପ୍ରସାଦ ସେବନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଧାବାଟରେ ଅଟକିଲେ...

ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱୀକାର କରିଥିଲେ ମଧ ଦଳଚକଟା ଭଳି ଅପ୍ରୀତିକର ପରିସ୍ଥିତି ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟିକୁ ସିଧାସଳଖ ଖଣ୍ଡନ କରିଛନ୍ତି। ଚଳିତବର୍ଷ ରଥଯାତ୍ରାରେ ୮ରୁ ୯ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏପଟେ ମରିଚିକୋଟ ଛକ ନିକଟରେ ଠେଲାପେଲା ଯୋଗୁ ଶତାଧିକ ଶ୍ରଦ୍ଧାଳୁ ଆହତ ହୋଇଥିବା ଓ ଜଣେ ପ୍ରାଣ ହରାଇଥିବାକୁ ନେଇ ସରକାରଙ୍କୁ ଘେରିଛି ବିରୋଧୀ ଦଳ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା କହି ସେବାୟତ ଓ ଭକ୍ତମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶାସନ, ସୁରକ୍ଷା ସଂସ୍ଥା, ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ମିଳିତ ପ୍ରୟାସ ଯୋଗୁଁ ଶ୍ରଦ୍ଧାଳୁମାନଙ୍କ ଯାତାୟାତ ନିରବଛିନ୍ନ ରହିଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ୪ ବର୍ଷର ପୁଅକୁ ...

ତାଙ୍କୁ ପ୍ରଥମେ ଶରତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଉଦଳା ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସୋହନ ଫେରାର ହୋଇଯାଇଥିବା ବେଳେ ସେ କାହିଁକି ଏଭଳି ଏକ କାଣ୍ଡ ଭିଆଇଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ସୁକାନ୍ତି ସିଂଙ୍କ କହିବା କଥା ତାଙ୍କ ସ୍ୱାମୀ ସୋହନ ପାଗଳ ହୋଇଯାଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ସୋହନଙ୍କୁ ଧରିବାକୁ ମଧ ପ୍ରୟାସ କରୁଛି।

## ହରମୁଜ ପ୍ରଣାଳୀ ଇରାନର...

ଆଲୋଚନା ଦଳର ମୁଖ୍ୟ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ ହରମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ସିଧାସଳଖ ଇରାନର ଜାତୀୟ ସୁରକ୍ଷା ସହ ଜଡ଼ିତ । ଇରାନ ଯୁଦ୍ଧ ଚାହୁଁନଥିଲେ ବି ନିଜ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି । ଆମେରିକା ନିଜ ପ୍ରତିଶ୍ରୁତି ଭାଙ୍ଗିଥିବାରୁ ପୂର୍ବରୁ ହୋଇଥିବା ବୁଝାମଣାପତ୍ର ପାଳନ କରିବାର କୌଣସି ଅର୍ଥ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଏହି ବାକ୍ୟୁଦ୍ଧ ମଧ୍ୟରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ନିଶ୍ଚିତ କରିଛି ଯେ, ସାମୁଦ୍ରିକ ଜାହାଜ ଚଳାଚଳ ପ୍ରତି ବିପଦ ସୃଷ୍ଟି କରୁଥିବା ଇରାନର ପ୍ରମୁଖ ସାମରିକ ଘାଟିଗୁଡ଼ିକ ଉପରେ ଆମେରିକୀୟ ସେନା ପୁଣି ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି, ଯାହା ସମଗ୍ର ଅଞ୍ଚଳକୁ ଯୁଦ୍ଧ ଆଡ଼କୁ ଠେଲି ଦେଇଛି ।

## ମଣିପୁରରେ ଅସ୍ତ୍ରଶସ୍ତ୍ର ...

ଅନୁସନ୍ଧାନ ସମୟରେ ୧୪୪ଟି ଏସ୍. ପି. କ୍ୟାପସୁଲ ଏବଂ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା, ଯାହା ନିଶାଦ୍ରବ୍ୟ କାରବାରରୁ ଆୟ ବୋଲି ବିଶ୍ୱାସ କରାଯାଉଛି। ସୁରକ୍ଷା ବାହିନୀ ଇମ୍ଫାଲ ପଶ୍ଚିମ ଜିଲ୍ଲାର ଲୋକତକ ହ୍ରଦ ନିକଟସ୍ଥ ଇଶୋକ ମୁଙ୍ଗାଙ୍ଗ ଲେଇକାଇ ଅଞ୍ଚଳରୁ ଅନେକ ପରିବର୍ତ୍ତିତ ରାଇଫଲ, ଏମ୍-୨ କାର୍ବାଇନ, ୯ ଏମ୍ଏମ୍ ପିସ୍ତଲ ଏବଂ ୨୬ଟି ଜୀବନ୍ତ କାର୍ଟ୍ରିଜ୍ ଉଦ୍ଧାର କରିଛନ୍ତି।

## ଦୁର୍ନୀତି ବିରୋଧରେ...

ସ୍ୱାମୀଙ୍କ ବିରୋଧରେ ଚାକିରି ଦେବା ନାଁରେ ୬ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ରହିଛି । ରୋଡ୍ ଓ୍ୱର୍କର ଭାସ୍କରଙ୍କ ଉପରେ ୫୦ ହଜାର ଟଙ୍କା ଲାଞ୍ଚ ନେବା ଏବଂ ଅନ୍ୟ ଦୁଇ ଅଧିକାରୀ ଦୁର୍ଗା ଓ କନ୍ନନଙ୍କ ଉପରେ ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ଦାବି କରିଥିବା ଅଭିଯୋଗ ରହିଛି । ଚେନ୍ନାଇ କର୍ପୋରେସନ କହିଛି, ମୁଖ୍ୟମନ୍ତ୍ରୀ ବିଜୟ 'ଜିରୋ ଟଲରେନ୍ସ' ନୀତି ଅନୁସରଣ କରି ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଆଗାମୀ ଦିନରେ ଏଭଳି ମାମଲାରେ ଆହୁରି କଠୋର ପଦକ୍ଷେପ ନିଆଯିବ ବୋଲି ସରକାର ସୂଚନା ଦେଇଛନ୍ତି ।

## କିବ୍ ଉପରେ ରୁଷ୍‌ର...

ସ୍ଥାନକୁ ଯିବାକୁ ପରାମର୍ଶ ଦେଇଛି। ପ୍ରାଥମିକ ସୂଚନା ଅନୁସାରେ, ଆକ୍ରମଣରେ କେତେକ ଭବନ ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ଅଗ୍ନିକାଣ୍ଡ ମଧ ଘଟିଥିଲା, ଯାହାକୁ ଦମକଳ ବାହିନୀ ନିୟନ୍ତ୍ରଣକୁ ଆଣିଛି। ତେବେ ଆକ୍ରମଣରେ କେତେ ଲୋକ ମୃତାହତ ହୋଇଛନ୍ତି, ସେ ସମ୍ପର୍କରେ ତୁରନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ରୁଷ୍ ପକ୍ଷରୁ ଏହି ସଦ୍ୟତମ ଆକ୍ରମଣ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ଛିଣ୍ଡିଲା ଦଉଡ଼ି ଅଟକିଲା ବ୍ରହ୍ମ ତାଳଧ୍ୱଜ: ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

କେନ୍ଦ୍ରାପଡା, ୧୬/୭ (ନି.ପ୍ର): ଆଜି ପବିତ୍ର ଶ୍ରୀ ଗୁଣ୍ଡିଚା । ଭାଇ ଭଉଣୀଙ୍କ ସହିତ ରଥାରୁଢ଼ ହେଲେ ତୁଳସୀ କ୍ଷେତ୍ରର ଆରାଧ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉ । ଦିନ ପ୍ରାୟ ୩ଟା ବେଳେ ତିନି ଦିଅଁଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ବଡ ଠାକୁର ଶ୍ରୀ ବଳଦେବଜୀଉ, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ତିନି ଦିଅଁ ରଥାରୁଢ଼ ହେବା ପରେ ଚାରମାଳ ଖୋଲାଯାଇ ଗୋସେଇଁ ଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା । ପରେ ପର ହଜାର ହଜାର ଶ୍ରଦ୍ଧାଳୁ ବ୍ରହ୍ମ ତାଳଧ୍ୱଜକୁ ଟାଣି ନେଇଥିଲେ । କିଛି ବାଟ ଗଡ଼ି ଯିବା ପରେ ବ୍ରହ୍ମ ତାଳଧ୍ୱଜ ଦକ୍ଷୀଣ ମୋଡ଼ ନେଇଥିଲା । ରଥ ଟଣା ପୁନର୍ବାର ଆରମ୍ଭ ହେଲା ବେଳକୁ ଦଉଡ଼ି ଛିଣ୍ଡି ଯିବା ଦ୍ୱାରା ରଥ ଟଣା ଆଜି ପାଇଁ ବନ୍ଦ ରହିଥିଲା । କିଛି ବାଟ ରଥ ଟଣାଯାଇ ଦେବୋତର କାର୍ଯ୍ୟାଳୟ ନିକଟରେ ଅଟକି ରହିବାର ପରମ୍ପରା ରହିଛି । କିନ୍ତୁ ଆଜି ରଥ ଦେବୋତର କାର୍ଯ୍ୟାଳୟ ନିକଟରେ ପହଂଚି ପାରି ନଥିଲା । ଆସନ୍ତାକାଲି ଦିନ ୨ଟାରେ ରଥ ଟଣା ଆରମ୍ଭ ହୋଇ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଟଣା ଯିବ ବୋଲି ଜଣାପଡିଛି । ରଥଯାତ୍ରା ରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ତେବେ ଆଜି ଶ୍ରୀଗୁଣ୍ଡିଚାରେ ସକାଳ ୬ଟା ସୁଦ୍ଧା ଶ୍ରୀଜୀଉଙ୍କ ଜୟମଙ୍ଗଳ ଆଳତୀ କରାଯାଇଥିଲା । ନୀତି ସ୍ନାନ ବଲ୍ଲଭ ଓ ଖେଚୁଡ଼ି ଧୂପ ପରେ ସେନାପଟା ଲାଗି କରାଯାଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ପାଇଁ ପହଞ୍ଚିଥିଲେ ।

# ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଶ୍ରୀଗୁଣ୍ଡିଚାରେ ସେବା କାର୍ଯ୍ୟ

କେନ୍ଦ୍ରାପଡା, ୧୬/୭ (ନି.ପ୍ର): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ପିବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ତୁଳସୀ କ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡରେ ଗୁରୁବାର ଶ୍ରଦ୍ଧାଳୁମାନଙ୍କ ପାଇଁ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ନିଶୁଳ୍କ ପ୍ରସାଦ ବିତରଣ କରାଯାଇଥିଲା। ଏଥିସହିତ ଜଳଛତ୍ର ଖୋଲାଯାଇ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ସଦସ୍ୟ ପଣ୍ଡିତ୍ ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ଧୀରେନ୍ ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରସାଦ ବିତରଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ।

# ଗରଡିହି ଦଧିବାମନ ଜୀଉଙ୍କ ପବିତ୍ର ଘୋଷଯାତ୍ରାରେ ଅଘଟଣ: ରଥର ଭାଙ୍ଗିଲା ଅଖ, ଅଳ୍ପକେ ବର୍ତ୍ତିଲେ ଶ୍ରଦ୍ଧାଳୁ

ନୀଳଗିରି , ୧୬/୭ (ନି.ପ୍ର): ନୀଳଗିରିରେ ରାଜତନ୍ତ୍ର ଶାସନର ପ୍ରତିଷ୍ଠା ହେବା ପରେ ଏହାର ରାଜଧାନୀ ବଣସୀମା ଅଞ୍ଚଳ ଗରଡ଼ିହି ଠାରେ ରାଜଧାନୀ ପ୍ରତିଷ୍ଠାକରି ଶାସନ କରୁଥିଲେ। ସେତେବେଳେ ଗରଡିହି ଠାରେ ପରମଆରାଧ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାକରି ଦଧିବାମନଙ୍କ ବିଗ୍ରହ ସ୍ଥାପନକରି ପ୍ରତିବର୍ଷ ରଥଯାତ୍ରା ହୋଇଆସୁଛି। ତେବେ ନୀଳଗିରିର ସର୍ବପୁରାତନ ଉକ୍ତ ମନ୍ଦିର ଏବଂ ରଥଯାତ୍ରା କୁ ରାଜ୍ୟ ଦେବତ୍ତୋର ବିଭାଗ ଅଧିନରେ ପରିଚାଳିତ ହେଉଥିବା ବେଳେ ନୀଳଗିରି ଠାକୁରମାହାଲ ଏହାର ସମସ୍ତ ନିତିକାନ୍ତି ଏବଂ ତଦାରଖ ଦାୟିତ୍ୱବହନ କରିଥାଏ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସମସ୍ତପ୍ରସ୍ତୁତି ସରି ଆଜି ପବିତ୍ର ଘୋଷଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯିବାପରେ ରଥଟଣା ଆରମ୍ଭ ହୋଇଥିଲା। ଏହି ଅବସରରେ ଅମରେନ୍ଦ୍ର ଦାସ ମହାପାତ୍ର ରଥଉପରେ ଛେରାପହଁରା କରିଥିବା ବେଳେ, ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ,ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ,ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ ,ଗଙ୍ଗାଧର ମିଶ୍ରଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ରଥ ୧୦୦ମିଟର ପାଖାପାଖି ଗଡିବାପରେ ହଠାତ୍ ରଥର ପଛଅଖ ଭାଙ୍ଗିଯାଇଥିଲା। ଫଳରେ ରଥ ଉପରେ ଥିବା ସେବାୟତ ଏବଂ ଅନ୍ୟ କର୍ମଚାରୀ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ତେବେ ଏଭଳି ଅଘଟଣ କେବଳ ଚଳିତବର୍ଷ ନୁହେଁ ୩ବର୍ଷ ଅର୍ଥାତ୨୦୨୩ ମସିହାରେ ମଧ ଏଭଳି ଅଘଟଣ ଘଟିଥିଲା। ଠାକୁରମାହଲ ଅଧୀନରେ ଥିବା ଏହିମନ୍ଦିରର ସମସ୍ତ ନୀତିକାନ୍ତି ଏବଂ ରକ୍ଷଣାବେକ୍ଷଣ ଥିବାବେଳେ ବାରମ୍ବାର ମନ୍ଦିରପ୍ରତି ଅବହେଳାନେଇ ଅଭିଯୋଗ ଉଠିଛି। ପ୍ରତି ରଥଯାତ୍ରା ପାଳନସମୟରେ ରଥକାଠ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଚଳିତବର୍ଷ ରଥନିର୍ମାଣରେ ପୁରୁଣାକାଠ ବ୍ୟବହାର ହୋଇଥିବାରୁ କାଠର ସ୍ଥାୟୀତ୍ୱ ନଥିବାରୁ ଏଭଳି ଅଘଟଣ ଘଟିଥିଲା। ସର୍ବୋପରି ବାରମ୍ବାର ପ୍ରଶାସନ ଠାରେ ଗ୍ରାମବାସୀ ଏବଂ ମନ୍ଦିର କର୍ମକର୍ତ୍ତାଙ୍କ ନିକଟରେ ନୂତନକାଠ ପାଇଁ ଦାବୀ କରାଯାଇଥିଲେ ହେଁ ଏଥିପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଆଜିର ଅଘଟଣ ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର କଷ୍ଟ ଦେଇଥିବା ଜଣାଯାଇଛି।

# ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଆ ଫିଲ୍ମ ଆଣ୍ଡ ଟେଲିଭିଜନ ଡାଇରେକ୍ଟର ଆସୋସିଏସନ ତରଫରୁ ନିଃଶୁଳ୍କ ଜଳ, ଘୋଳଦହି, ଛତା ଓ ଟି ଶାର୍ଟ ବଣ୍ଟନ

ଭୁବନେଶ୍ୱର, ୧୬/୭ (ନି.ପ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଆ ଫିଲ୍ମ ଆଣ୍ଡ ଟେଲିଭିଜନ ଡାଇରେକ୍ଟର ଆସୋସିଏସନ ତରଫରୁ ନିଃଶୁଳ୍କ ଜଳ, ଘୋଳଦହି, ଛତା, ଟି ଶାର୍ଟ ବଣ୍ଟନ ପୁରୀ ଭକ୍ତ ସାଲବେଗ ମନ୍ଦିର ନିକଟରେ କରାଯାଇଥିଲା। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ପୁରୀ ବଡଦାଣ୍ଡରେ ଏ ସେବା ପ୍ରଦାନ କରାଯାଉଅଛି। ଏ ବର୍ଷ ଏ ସେବା ପ୍ରଦାନ ଉତ୍ସବରେ ଅନୁଷ୍ଠାନ ତରଫରୁ ବହୁ ଚଳଚ୍ଚିତ୍ର ଓ ଧାରାବାହିକ ନିର୍ଦ୍ଦେଶକ ଅଂଶ




ଗ୍ରହଣ କରିଥିଲେ। ଏ ସେବା ପ୍ରଦାନ ଉତ୍ସବରେ ସବ୍ୟସାଚି ମହାପାତ୍ର, ହିମାଂଶୁ ଖଟୁଆ, ଗଦାଧର ପୁଟି, ତାପସ ସରଘରିଆ, ବବି ଇସଲାମ, ଅଶୋକ ପତି, ପ୍ରଦୀପ ଦାଶ, ତ୍ରିପତି କୁମାର ସାହୁ, ଉମେଶ ଦାଶ, ଶିବୁ ମୋହାନ୍ତି, ଅଜୟ ସିଂ, ଶୈଳେନ୍ଦ୍ର ପରିଡା, ଓ କୁନାଲ ପଟନାୟକ ଅଂଶ ଗ୍ରହଣ କରିଥିଲେ ।

ଶୁକ୍ରବାର, ଜୁଲାଇ ୧୭, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭଦ୍ରକରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ

ଭଦ୍ରକ, ୧୬/୭ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ଭଦ୍ରକସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ।ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ।ରାଜ୍ୟ ସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଣ୍ଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର,ଶୀତଲ ମଲ୍ଲିକ ଏବଂ ଆର.ସି.ବି.ଏଲ. ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ଉଦ୍‌ଯାପିତ ହେଲା ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା




ବାରିପଦା , ୧୬/୭ (ନି.ପ୍ର): ଟାଟା ଟ୍ରଷ୍ଟସ୍‌ର ସହଯୋଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ତିନିଦିନିଆ 'ଆରମ୍ଭ' ମଲ୍ଟି-ସ୍ପୋର୍ଟସ୍ ପ୍ରୋଗ୍ରାମ ଅନ୍ତର୍ଗତ ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରଶିକ୍ଷକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଭବିଷ୍ୟତରେ ମୟୁରଭଞ୍ଜ ଫୁଟବଲର ପୂର୍ବ ଗୌରବ ଫେରିଆସିବ ବୋଲି ଆଶାପୋଷଣ କରିଥିଲେ ଓ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ସୁଭାଶିଷ ନାୟକ ଓ ଓଡିଶା ଫୁଟବଲ କ୍ଲବ କୋଚ ମିର ଆସିଫ ପ୍ରମୁଖ ଉପସ୍ଥିତ ରହି ଏକାଡ଼େମୀର ବିଭିନ୍ନ କେନ୍ଦ୍ର ପାଇଁ କ୍ରୀଡ଼ା ଉପକରଣ ବଣ୍ଟନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ନାୟକ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ତିନିଦିନିଆ କର୍ମଶାଳାରେ ଓଡ଼ିଶା ଏଫ୍‌ସିର ପ୍ରଶିକ୍ଷକ ମୀର ଆସିଫ୍ ପ୍ରଶିକ୍ଷକମାନଙ୍କୁ ଫୁଟବଲ୍‌ର ଆଧୁନିକ କୌଶଳ ଓ ବୈଷୟିକ ଜ୍ଞାନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପରାମର୍ଶଦାତା ସୋମନାଥ ସିଂହ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ ସହ-ପ୍ରତିଷ୍ଠାତା ସାଇ କିରଣ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ମାଷ୍ଟର ଟ୍ରେନର୍ ଏବଂ ପ୍ରଶିକ୍ଷକମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫୁଟବଲ୍ ପ୍ରଶିକ୍ଷଣର ନୂତନ ଦିଗ ସମ୍ପର୍କରେ ଅବଗତ ହୋଇଛନ୍ତି, ଯାହା ଆଗାମୀ ଦିନରେ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଛନ୍ତି।

# ପାଣିରେ ବୁଡ଼ି ୩ ବର୍ଷ ଶିଶୁର ମୃତ୍ୟୁ: ବ୍ୟବଚ୍ଛେଦ ପରେ ପୋତି ଦିଆଗଲା

ବୈଶିଙ୍ଗା, ୧୬/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଉପକଣ୍ଠ ମହୁରୀ ଗ୍ରାମରେ ଗୁରୁବାର ପବିତ୍ର ରଥଯାତ୍ରା ଉପଲକ୍ଷେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଥିବା ସମୟରେ ଏକ ଦୁଃଖଦ ଘଟଣା ଘଟିଛି । ଖେଳୁଥିବା ସମୟରେ ପରିବାରବର୍ଗଙ୍କ ଅଜାଣତରେ ପାଖରେ ଥିବା ଏକ ଗାଡ଼ିଆରେ ପଡ଼ି ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଛି । ମୃତ ଶିଶୁଟି ହେଲେ ମହୁରୀ ଗ୍ରାମର ବିଜୟ କୁମାର ଦଳେଇଙ୍କ କନିଷ୍ଠ ପୁତ୍ର ତନ୍ମୟ କୁମାର ଦଳେଇ । ପ୍ରାପ୍ତ ସୂଚନା ସୂଚନା ମୁତାବକ ଶିଶୁଟି ଆଜି ଗୁରୁବାର ଘର ପାଖରେ ଖେଳୁଥିଲା । ଏହି ସମୟରେ କୌଣସି କାରଣରୁ ଅସାବଧାନତା ବଶତଃ ପାଖରେ ଥିବା ଏକ ଗାଡ଼ିଆରେ ପଡ଼ିଯାଇଥିଲା । ବହୁ ସମୟ ଧରି ପିଲାଟିକୁ ନଦେଖିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରବର୍ତ୍ତୀ ସମୟରେ ପିଲାଟିକୁ ଗାଡ଼ିଆ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ପରିବାର ଲୋକେ ଶିଶୁଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗା ଡାକ୍ତରଖାନା କୁ ନେଇଯାଇଥିଲେ । ମାତ୍ର ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ଶିଶୁଟିକୁ ମୃତ ବୋଲି ଘୋଷଣା କରିଥିଲେ । ଖବରପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପରିବାରବର୍ଗଙ୍କ ଏତଲା ମୂଳେ ୩୫/୨୬ର ଏକ ମାମଲା ରୁଜ୍ଜୁ କରି ବ୍ୟବଚ୍ଛେଦ ପାଇଁ ବାରିପଦା ବଡ ଡାକ୍ତରଖାନା ପଠାଇଥିଲେ । ବ୍ୟବଚ୍ଛେଦ ପରେ ମର ଶରୀରକୁ ଗ୍ରାମ ଶ୍ମଶାନକୁ ଅଣାଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ମୃତକ ଶିଶୁଙ୍କ ବାପା ବିଜୟ ଚେନ୍ନାଇରେ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ। ଘଟଣା ସମ୍ପର୍କରେ ଖବର ପାଇ ସେ ଫେରୁଛନ୍ତି ଏବଂ ଶୁକ୍ରବାର ପହଞ୍ଚିବେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ରଥଯାତ୍ରା

ପାରାଦୀପ, ୧୬/୭ (ନି.ପ୍ର): ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀ ଟାଉନସିପରେ ରଥଯାତ୍ରା ପାଳନ କରାଗଲା । ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତିମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ । ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧ୍ୟାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। ଉତ୍ସବଟି ଅତ୍ୟନ୍ତ ଯତ୍ନର ସହିତ ଆୟୋଜିତ କରାଯାଇଥିଲା। ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭହୋଇଥିଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା । ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତିମାନ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ।

# ପାରାଦୀପରେ ରଥଯାତ୍ରା



ପାରାଦୀପ, ୧୬/୭ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପ୍ରତିକୂଳ ପାଗ ସତ୍ତ୍ୱେ ବନ୍ଦର ସହର ପାରାଦୀପରେ ଗୁରୁବାର ଦିନ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ତିନି ଠାକୁର ରଥାରୋହଣ କରିବା ପରେ ପରମ୍ପରା ଅନୁଯାୟୀ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ରଥରେ ଛେରା ପହଁରା କରିଥିଲେ । ଏହାପରେ ଅପରାହ୍ଣ ୪ ଟା ସମୟରେ ରଥ ଟଣା ପର୍ବ ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟାରେ ତିନି ଠାକୁର ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଥିଲା । କୋହଲା ପାଗ ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ରଥ ଟାଣିଥିଲେ । ଏହି ଯାତ୍ରା ଉତ୍ସବ ନିମନ୍ତେ ପାରାଦୀପ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୌର ପ୍ରଶାସନ ପକ୍ଷରୁ ବଡ ଦାଣ୍ଡ ଠାରୁ ଆରମ୍ଭ କରି ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ସଫା କରାଯାଇ ରାସ୍ତାର ଦୁଇ ପାର୍ଶ୍ୱରେ ଲମ୍ବିଥିବା ଡାଳ ସବୁ କଟାଯାଇ ରଥ ଟଣା ପାଇଁ ପଥ ସୁଗମ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ବ୍ୟବସ୍ଥା କରାଯାଇଥିବା ବେଳେ ଅଗ୍ରଣୀ ପରିବେଶଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ମାଉସୀ ମା ମନ୍ଦିର ନିକଟରେ ଏକ ଷ୍ଟଲ ଖୋଲାଯାଇ ଦହିପାଣି, ମୃଦୁପାନୀୟ ଏବଂ ଚାରା ବଣ୍ଟନ କରାଯାଇଥିଲା । ଏହି ଷ୍ଟଲକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ । ତେବେ ଟ୍ରଷ୍ଟର ଏପରି ମହତ କାର୍ଯ୍ୟକୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉତ୍ସାହିତ କରିବା ସହ ଟ୍ରଷ୍ଟ ର ଏପରି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥାରୁଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି: ଆଜି ରଥଟଣା

ନୀଳଗିରି, ୧୬/୭ (ନି.ପ୍ର): ଆଷାଢ଼ ଦ୍ୱିତୀୟା ହେଉଛି କୋଟିଓଡ଼ିଆଙ୍କ ମଉଡମଣି ଜଗତରନାଥ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ। ଏହି ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅପରାହ୍ଣ ପ୍ରାୟ ୪ଟା ସମୟରେ ଝିପିଝିପି ବର୍ଷାରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ଧାଡ଼ିପହଣ୍ଡିରେ ବଡ଼ଭାଇ ବଳଭଦ୍ର,ଭଉଣୀ ସୁଭଦ୍ରାଙ୍କ ପହଣ୍ଡିବିଜେ ନୀତି ସମ୍ପନ୍ନପରେ ଶେଷରେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି, କୋଟିକୈବଲ୍ୟନାଥ କଳାସାଆନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁ ଘଣ୍ଟଘଣ୍ଟା, କାହାଳୀ,ଖୋଳତାଳ, ହରିବୋଲ ଧ୍ୱନୀରେ ରଥାରୁଢ଼ ହୋଇଥିଲେ। ଝିପିଝିପି ବର୍ଷାରେ ଭିଜି ହଜାର



ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପହଣ୍ଡିବିଜେ ନୀତି ଦର୍ଶନ କରିଥିଲେ। ତେବେ ସ୍ଥାନୀୟ ପରମ୍ପରା ଅନୁଯାୟୀ ନୀଳଗିରି ରଥଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଦିବସରେ ଚତୁର୍ଦ୍ଧାମୂର୍ତ୍ତୀ ପହଣ୍ଡିରେ ଯାଇ ରଥଉପରେ ଉପବେଶନ ପୂର୍ବକ ରାତ୍ରିଯାପନ କରିବେ। ଆଜିର ଏହି ପହଣ୍ଡିବିଜେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ବିକ୍ରମକେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବାଲେଶ୍ୱର ଆଡିସନାଲ ଏସପି ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁସଂଖ୍ୟାରେ ପୋଲିସଫୋର୍ସ ମୁତୟନରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିବା ଦେଖିବାକୁ ମିଳିଥିଲା।

## ଭଦ୍ରକରେ ରଥଯାତ୍ରା ଧୁମ୍‌ଧାମରେ ପାଳିତ

ଭଦ୍ରକ, ୧୬/୭ (ନି.ପ୍ର): ଭଦ୍ରକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ସହର ଜନଗହଳି ପୂର୍ଣ୍ଣ ହେବା ସହ ଘଣ୍ଟ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ଭଦ୍ରକର ବାଇପାସ୍, କୁଆଁସ, ଅସ୍ତଳ, ଏମିତି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାରେ ସାମିଲ ହୋଇଥିଲେ। ଜନଗହଳିକୁ ଦୃଷ୍ଟି ରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋର୍ଦ୍ଧା , ୧୬/୭ (ନି.ପ୍ର): ଆଜି ଜାଗୁଳି ପାଟଣା ସ୍ଥିତ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ଙ୍କ ଘୋଷ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମାପନ ହୋଇଯାଇଅଛି। ପ୍ରତ୍ୟୁଷ ୪ ଘଟିକା ସମୟରେ ମହାପ୍ରଭୁଙ୍କ ପହଡ଼ ଖୋଲା ହୋଇଥିବା ବେଳେ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆଳତି, ପୂର୍ବାହ୍ଣ ୧୧ ଘଟିକାରେ ଶଙ୍ଖୁଡ଼ି ଭୋଗ, ମଧ୍ୟାହ୍ନ ୧୨ ଘଟିକାରେ ସୂର୍ଯ୍ୟ ପୂଜା, ଅପରାହ୍ଣ ୨ ଘଟିକାରେ ପହଣ୍ଡି ବିଜେ, ଅପରାହ୍ଣ ୩ ଘଟିକାରେ ଛେରା ପହଁରା ଏବଂ ଅପରାହ୍ଣ ୪ ଘଟିକାରେ ରଥ ଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ, ଖୋର୍ଦ୍ଧା ,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏବଂ ମନ୍ଦିର ସେବାୟତ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା । ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂର୍ବତନ ସାଂସଦ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ମହାପ୍ରଭୁଙ୍କ ଛେରା ପହଁରା କରିଥିଲେ। ତିନିଠାକୁର ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବଡ଼ଭାଇ ହଳାୟୁଧ ଏବଂ ମା' ସୁଭଦ୍ରା ରଥାରୂଢ଼ ହେଲା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି, ଶ୍ରୀ ଶ୍ରୀ ବଳଭଦ୍ର ଏବଂ ମା ସୁଭଦ୍ରା ଙ୍କୁ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା ଦର୍ଶନ କରି ବିଭୁକୃପା ଲାଭକାରୀ ଜିଲ୍ଲାର ଉନ୍ନତି ଏବଂ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି କାମନା କରି ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ମାନ୍ୟବର ବିଧାୟକ, ଜଟଣୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ ପ୍ରବାହ୍ନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଦର୍ଶନ କରି ବିଭିକୃପା ଲାଭ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ସେବା, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ସେବା, ବିଶୁଦ୍ଧ ପାନୀୟ ଜଳ ସେବା,ଟି ପି ସି ଓ ଡି ଏଲ ପକ୍ଷରୁ ବିଜୁଳି ସେବା, ଅଗ୍ନିଶମ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା । ରଥାରୂଢ଼ ବିଗ୍ରହ ମାନଙ୍କୁ ଭକ୍ତ ଶ୍ରଦ୍ଧାଳୁ ମାନେ ଆନନ୍ଦରେ ଆଇ ଆଇ ସି, ସଦର ଆଦର୍ଶ ଥାନା ଶ୍ରୀ ସଞ୍ଜୟ କୁମାର ନାୟକ ଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଭକ୍ତ ଶ୍ରଦ୍ଧାଳୁ ମାନେ ହରିବୋଲ ହୁଳହୁଳି ମଧ୍ୟରେ ରଥ ମାଉସୀ'ମା ଜାଗେଶ୍ୱରୀ ମନ୍ଦିରରେ ପହଞ୍ଚି ଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସୂଚନା କେନ୍ଦ୍ର ଖୋଲାଯାଇ ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟ ସୂଚୀ ତଥା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀ ଜଗନ୍ନାଥ ଜଣାଣ ବିକ୍ରୟ କରାଯିବା ସହ ସଫଳ କାହାଣୀ ନିୟୁକ୍ତ ବୁଲେଟିନ ପୁସ୍ତିକା 'ପ୍ରଗତି ପ୍ରବାହ 'ବଣ୍ଟନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହଶହ ଭକ୍ତ ଶ୍ରଦ୍ଧାଳୁ, ସହରର ମାନ୍ୟ ଗଣ୍ୟ ବ୍ୟକ୍ତି, ବହୁ ବୁଦ୍ଧିଜୀବୀ, ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ସମେତ ବହୁ ସଂଖ୍ୟାରେ ଜନ ସମାବେଶ ହୋଇଥିଲା ।




# ଭଦ୍ରକାଳୀ ପୀଠରେ ରଥଯାତ୍ରା ମହା ଆଡମ୍ବର ସହକାରେ ପାଳିତ

ଭଦ୍ରକ , ୧୬/୭ (ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ପାର୍ଶ୍ୱଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା ହୋଇଛି। ସକାଳ ୬ଟାରେ ମଙ୍ଗଳ ଆଳତି ସରିବା ପରେ ସ୍ନାନ, ଧୂପଦୀପ, ଭୋଗ ଆଦି ରୀତିନୀତି ହୋଇଥିଲା। ତିନିଠାକୁରଙ୍କ ପହଣ୍ଡି ବିଜେ ପରେ ସବାୟତମାନେ ଠାକୁରଙ୍କୁ ରଥାରୂଢ଼ କରାଇଥିଲେ। ଭୂୟାଁ ରାଜାଙ୍କ ବଂଶଧର ରାଜା ପ୍ରଦୀପ ରାୟଙ୍କ ଦ୍ୱାରା ରଥରେ ଛେରାପହଁରା କରିଥିଲେ



କ୍ଷଭକ୍ତମାନେ ହରିବୋଲ, ହୁଳହୁଳି ଧ୍ୱନି ଓ କୀର୍ତନ ସହ ରଥରେ ମହାପ୍ରଭୁଙ୍କ ଦର୍ଶନ କରି ରଥ ଟାଣିଥିଲେ। ମନ୍ଦିର ମୁଖ୍ୟ ଗୋସାଇଁଙ୍କ ଦ୍ୱାରା ରଥରେ କଳସ ପୂଜା ସହ ରଥ ପ୍ରତିଷ୍ଠା ହୋଇଥିଲା । ଭକ୍ତମାନେ ରଥ ଟାଣି ଟାଣି ନେଇ ତିନିଠାକୁରଙ୍କୁ ମାଉସୀମା' ମନ୍ଦିରରେ ପହଞ୍ଚାଇଥିଲେ ।

# ରାଣୀତାଳରେ ରଥ ପହଂଚିଲା ମାଉସୀ ଘରେ

ଭଦ୍ରକ, ୧୬/୭ (ନି.ପ୍ର): ପ୍ରଭୁଙ୍କର ଲୀଳା ବଡ଼ ବିଚିତ୍ର, ଗତ ତିନି ଦିନ ଧରି ଚାଲିଥିବା ବର୍ଷା ଆଜି ଅପରାହ୍ନରେ ଚତୁର୍ଦ୍ଧା ମୂର୍ତି ରଥରୁଢ଼ ହେଲା ପରେ ଛାଡିଗଲା ବର୍ଷା ! ରାଣୀତାଳ ବଜାରରେ ତଳେ ବହୁଛି ପାଣି ତଥାପି ଅଟକାଇ ପାରିଲାନି ଭକ୍ତଙ୍କ ଆଗମନକୁ। ଦିନ ସାଢେ ଏଗାର ବେଳେ ପହଣ୍ଡି ବିଜେରେ ଶ୍ରୀ ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରଥରୁଢ଼ ହୋଇଥିଲେ। ଘଂଟ ଘଂଟା ଝାଂଜ, କୁବୁଜି ସହ ରଙ୍ଗ ଢୋଲ ତଳେ ତାଳେ ଜୟ ଜଗନ୍ନାଥ ଧ୍ୱନୀରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ଥିଲା। ହଜାର ହଜାର ଭକ୍ତଙ୍କ ଗାହାଣ ରେ ପ୍ରଭୁ ମାନସୀ ମନ୍ଦିର ରେ ପହଂଚି ଥିଲେ। ଏଠାରେ ସ୍ମରଣଯୋଗ୍ୟ ୧୯୮୦ମସିହାରୁ ଏ ଅଞ୍ଚଳ ରଥଯାତ୍ରା ଆରମ୍ଭ ହୋଇଥିଲା। ରାଣୀତାଳ ମିଲରୁ ଚତୁର୍ଦ୍ଧା ମୂର୍ତି ରାଣୀତାଳ ବଜାର ସ୍ଥିତ ମାଉସୀ ମା ମନ୍ଦିରକୁ ଆସିଥାନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida